# ଓଡ଼ିଶା ସହ ଗାନ୍ଧିଜୀଙ୍କ ଭାବଗତ ସମ୍ପର୍କ ଥିଲା


ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ 'ଗାନ୍ଧିଜୀ ଇନ୍ ଓଡ଼ିଶା'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ଗାନ୍ଧିଜୀଙ୍କ ଓଡ଼ିଶା ସହିତ ଭାବଗତ ସମ୍ପର୍କ ଥିଲା। ତାଙ୍କର ଓଡ଼ିଶା ଆଗମନ ଓଡ଼ିଶାବାସୀଙ୍କୁ ଧନ୍ୟ କରିଛି। ଗାନ୍ଧୀଙ୍କ ବିଚାରଧାରାକୁ ଆଜିର ଉତ୍ତରପିଢ଼ିଙ୍କ ସହିତ ଯୋଡ଼ିବାକୁ ସଂକଳ୍ପ ନେବାର ସମୟ ଆସିଛି ବୋଲି ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ଶନିବାର ସୂଚନା ଭବନଠାରେ ମହାତ୍ମାଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ 'ଗାନ୍ଧିଜୀ ଏବଂ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଉଭୟ ମଞ୍ଚ ଓ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାସ ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମ୍ପର୍କରେ ଆଲୋଚନା କରିବା ଅବସରରେ ଏହା କହିଛନ୍ତି।

ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ଗାନ୍ଧିଜୀ ଜଣେ ସାଧାରଣ ବ୍ୟକ୍ତି ନ ଥିଲେ। ସେ ଥିଲେ ବାସ୍ତବରେ ଜଣେ ମହାପୁରୁଷ, ସନ୍ଥ। ତାଙ୍କ ଚିନ୍ତାଧାରା ଆମ ସମୟର ଓ ସେ ସମୟର ବ୍ୟକ୍ତିଙ୍କ ଚିନ୍ତାଧାରାରୁ ଊର୍ଦ୍ଧ୍ୱରେ ଥିଲା। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି ଯୋଗଦେଇ 'ଗାନ୍ଧିଜୀ ଇନ୍ ଓଡ଼ିଶା' ପୁସ୍ତକରେ ଗାନ୍ଧିଜୀଙ୍କ ଓଡ଼ିଶା ପ୍ରତି ରହିଥିବା ସମ୍ପର୍କ, ଓଡ଼ିଶାବାସୀଙ୍କ ଗାନ୍ଧିଜୀଙ୍କ ପ୍ରତି ଆତିଥେୟତା, ଅଭିଳଷିତ ଓଡ଼ିଶା ଏବଂ ଭାରତ ବର୍ଷର ସ୍ୱପ୍ନ ଉପରେ ଆଲୋକପାତ କରିଥିଲେ। ପୁସ୍ତକର ଲେଖକ ଗୌରାଙ୍ଗ ଚରଣ ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାନ୍ଧିଜୀ ଓଡ଼ିଶାର ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇ ପାରିଥିଲେ ବୋଲି କହିଥିଲେ। ସେ ଓଡ଼ିଶାରେ ଖଦି ଆନ୍ଦୋଳନ, ଲବଣ ସତ୍ୟାଗ୍ରହଠାରୁ ଆରମ୍ଭ କରି ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ, ବିଭିନ୍ନ ସମୟରେ ଓଡ଼ିଶା ଆଗମନର କାହାଣୀ ସହ ଗାନ୍ଧିଜୀଙ୍କ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନର ଦିବ୍ୟ ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ବକ୍ତାଭାବେ ଗାନ୍ଧିବାଦୀ ଚିନ୍ତକ ତଥା ସ୍ତମ୍ଭକାର ପ୍ରହ୍ଲାଦ କୁମାର ସିଂହ ଯୋଗଦେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ଆନ୍ଦୋଳନରେ ଗାନ୍ଧିଜୀଙ୍କ ପ୍ରମୁଖ ଅବଦାନ ସମ୍ପର୍କରେ କହିଥିଲେ। ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ବିଭାଗର ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ସମ୍ପର୍କିତ ପୁସ୍ତକ 'ଗାନ୍ଧିଜୀ ଇନ୍ ଓଡ଼ିଶା'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରୁ ଲୋକାର୍ପଣ କରିଥିଲେ। କଣ୍ଠଶିଳ୍ପୀ ପ୍ରତିଭା ଦାସ ଓ ପ୍ରଦୀପ କୁମାର ପଲେଇ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ..., ରାମଧୂନ ଏବଂ ଅନ୍ୟାନ୍ୟ ଭଜନ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ସୂଚେତା ପ୍ରିୟଦର୍ଶିନୀ ସଂଯୋଜନା କରିଥିଲେ।

## ମାଲ୍ୟାର୍ପଣ କଲେ ରାଜ୍ୟପାଳ, ବାଚସ୍ପତି

ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଧାନସଭା ପରିସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ ଶାଶ୍ୱତୀ ତରଫରୁ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନ ତୋ' ଏବଂ 'ରଘୁପତି ରାଘବ ରାଜାରାମ' ଗାନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ବାଚସ୍ପତିଙ୍କ ଲୋକସମ୍ପର୍କ ଅଧିକାରୀ ଭୁଜଙ୍ଗ ରାଓ, ପ୍ରକାଶନ ପରିଚାଳକ ପ୍ରଫୁଲ୍ଲ ମଲ୍ଲିକ ସହଯୋଗ କରିଥିଲେ।



## କେଭିଆଇସି ପରିସରରେ ଗାନ୍ଧୀ ଜୟନ୍ତୀ



ଭୁବନେଶ୍ୱର,୨।୧୦

ମହାତ୍ମା ଗାନ୍ଧୀଙ୍କର ୧୫୨ତମ ଜନ୍ମବାର୍ଷିକୀ ସ୍ଥାନୀୟ ଭୁବନେଶ୍ୱର ଗଣ୍ଡମୁଣ୍ଡା ସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି)ର ରାଜ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ବିଦ୍ୟୁତ୍ ବିହାରୀ ସ୍ୱାଇଁ, ଶିଳ୍ପ ନିର୍ଦ୍ଦେଶକ ଓଡ଼ିଶା ମହମ୍ମଦ ସାଦିକ ଆଲାମ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି, ଏମ୍‌ଏସ୍‌ଏମ୍‌ଇ ବିକାଶ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ପବନ କୁମାର ଗୁପ୍ତା, ସୁକାନ୍ତ କୁମାର ସାହୁ, ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ପ୍ରବନ୍ଧକ ଡ. ଅନୁପମ ଗାୟନ, ସେଣ୍ଟ୍ରାଲ ଟୁଲ୍ ରୁମ୍ ଟ୍ରେନିଂ ସେଣ୍ଟରର ପ୍ରବନ୍ଧକ ରାଜଶେଖର ପ୍ରମୁଖ ଉପସ୍ଥିତ ରହି ମହାତ୍ମା ଗାନ୍ଧୀଙ୍କୁ ସୂତାମାଳ ଏବଂ ପୁଷ୍ପ ଅର୍ପଣ କରିଥିଲେ। ରାଜ୍ୟରେ କିଭଳି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପର ବିକାଶ ହେବ ସେ ସମ୍ବନ୍ଧରେ ସ୍ୱାଇଁ ଉପସ୍ଥିତ ଥିବା ପଦାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ, ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରଦର୍ଶନୀ ଏବଂ ବୃକ୍ଷରୋପଣର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେଭିଆଇସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଖଦି ବ୍ୟବହାର କଲେ ଗାନ୍ଧିଜୀ ସମସ୍ତଙ୍କ ଭିତରେ ବଞ୍ଚି ରହିବେ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ତରଫରୁ ଭୁବନେଶ୍ୱରସ୍ଥିତ ଖଦିବୋର୍ଡ କାର୍ଯ୍ୟାଳୟର ପରିସରରେ ଶନିବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ସମାରୋହରେ ରାଜ୍ୟ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ଉପରେ ଆଲୋକପାତ କରିବା ସହିତ ସଭିଏଁ ଖଦି ବ୍ୟବହାର କଲେ ଗାନ୍ଧିଜୀ ସମସ୍ତଙ୍କ ଭିତରେ ବଞ୍ଚି ରହିବେ ବୋଲି କହିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ପ୍ରବକ୍ତା ତଥା ସ୍ତମ୍ଭକାର ପ୍ରହ୍ଲାଦ ସିଂହ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗାନ୍ଧୀ ଦର୍ଶନ, ଆଦର୍ଶ ତଥା ଖଦି ଓ ଗ୍ରାମୀଣ ଅର୍ଥନୀତି ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଭୁବନେଶ୍ୱର ବିଧାୟକ (ମଧ୍ୟ) ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଲେ, ରାଜ୍ୟ ଖଦି ବୋର୍ଡକୁ ୨ କୋଟି ଟଙ୍କାର ଆର୍ଥିକ ସହଯୋଗ ମିଳିଛି। ଏହା ୧୭ଟି ସୋସାଇଟିର ୨ହଜାରରୁ ଅଧିକ ବୁଣାକାରଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ରାଜ୍ୟରେ ଉତ୍କଳ ଖଦି ଭବନ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ବୁଣାକାର, କଳାକାର ଓ ଶିଳ୍ପୀଙ୍କ ସାମଗ୍ରୀ ବିକ୍ରୟ ହୋଇପାରିବ। ପୁରୀରେ ଶ୍ରୀକ୍ଷେତ୍ର ଖଦି ଭବନ ସ୍ଥାପନ ପାଇଁ ମଞ୍ଜୁରୀ ଅପେକ୍ଷାରେ ରହିଛି ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ସେବା କାର୍ଯ୍ୟରେ ସାମିଲ ଥିବା ତଥା ଗାନ୍ଧୀ ବିଚାରଧାରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ଥାନୀୟ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଆଶାୟେଁ ଅନୁଷ୍ଠାନ ତରଫରୁ ଗାନ୍ଧିଜୀଙ୍କ ଉପରେ ଚିତ୍ରକଳା ଅଙ୍କନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଖଦିବୋର୍ଡ ସଚିବ ଅବଦୁଲ ଅଲିମ୍ ଖାନ୍ ଧନ୍ୟବାଦ ଦେଇଥିଲେ।


ଖଦିବୋର୍ଡ କାର୍ଯ୍ୟାଳୟର ପରିସରରେ ଜୟନ୍ତୀ ପାଳନବେଳେ ଗାନ୍ଧୀ ବେଶଧାରୀ।

## ଖଦି ବସ୍ତ୍ର କିଣିବାକୁ ଆହ୍ୱାନ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କାର୍ଯ୍ୟକର୍ତ୍ତାଙ୍କ ଗ୍ରହଣରେ ଜନତା ମଇଦାନସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ମହିଳା ମୋର୍ଚ୍ଚା ତରଫରୁ ଭୁବନେଶ୍ୱର ୨୩ ନମ୍ବର ୱାର୍ଡରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ରାଜ୍ୟ ସଭାପତି ଖଦି ବୋର୍ଡକୁ ଯାଇ ଖଦି ବସ୍ତ୍ର କିଣିବା ସହ ଅନ୍ୟମାନଙ୍କୁ କିଣିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ, ବରିଷ୍ଠ ନେତା ଶାରଦା ଶତପଥୀ, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ଠାକୁର ରଣଜିତ୍ ଦାସ ଓ ରାଜେନ୍ଦ୍ର ପଣ୍ଡା, ରାଜ୍ୟ ମିଡିଆ ସହ-ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଗାନ୍ଧୀ,ଶାସ୍ତ୍ରିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଶନିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ହୋଇଛି। କଂଗ୍ରେସ ଭବନ କାର୍ଯ୍ୟାଳୟଠାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପଟ୍ଟନାୟକ କହିଛନ୍ତି, ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ନୀତି, ଆଦର୍ଶକୁ ସାରା ଭାରତବାସୀ ଆଜି ଆପଣେଇବା ଉଚିତ। ଏହି ଆଦର୍ଶରେ ଅନୁପ୍ରାଣିତ ହେବା ପ୍ରତ୍ୟେକ ନାଗରିକଙ୍କର ନୈତିକ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ପରେ ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ନେତୃବୃନ୍ଦ ଚନ୍ଦ୍ରଶେଖରପୁରସ୍ଥିତ ନାଲ୍‌କୋ ଛକ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ଅନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଗଣେଶ୍ୱର ବେହେରା, କିଶୋର ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ବିଶ୍ୱଜିତ ଦାଶ, ଅମିୟ ପଟ୍ଟନାୟକ, ହଳଧର ସେଠୀ, ଦୀପକ ମହାପାତ୍ର , ପ୍ରଣତୀ ମିଶ୍ର ଓ ସ୍ୱର୍ଣ୍ଣବାଳା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ୱାଗତିକା


@ ଯତିନ୍


@ ସନ୍ତୋଷ


@ ସ୍ନେହାରୋଜି


@ ଲୁଲୁ


@ ମାୟାଧର

## ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଭୁବନେଶ୍ୱର,୨।୧୦

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୨ତମ ଜନ୍ମବାର୍ଷିକୀ ଅବସରରେ ପୂର୍ବତଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳବାଇର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ନେତୃତ୍ୱରେ ବିଭାଗୀୟ ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସ୍ଥାନୀୟ ରେଳ ସଦନ ପରିସରରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ରେଳପଥ ପକ୍ଷରୁ ଗତ ସେପ୍ଟେମ୍ବର ୧୬ରୁ ୩୦ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ (ପଖୱାଡା) ର କାର୍ଯ୍ୟକ୍ରମ ରେଳପଥର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମସ୍ତ ସ୍ତରର ରେଳବାଇ କର୍ମଚାରୀମାନେ ଷ୍ଟେସନ, ଟ୍ରେନ୍, କୋଚ୍ ରକ୍ଷଣାବେକ୍ଷଣ ଡିପୋ, ବିଭିନ୍ନ କାର୍ଯ୍ୟାଳୟ, କର୍ମକ୍ଷେତ୍ର ଏବଂ ରେଳ କଲୋନୀ ପରିସରରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ପରିଷ୍କାର ପରିଚ୍ଛନ୍ନତା ସମୟରେ ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେସନ, ସ୍ୱଚ୍ଛ ପରିସର, ସ୍ୱଚ୍ଛ ଆହାର, ସ୍ୱଚ୍ଛ ନୀର, ସ୍ୱଚ୍ଛ ପ୍ରସାଦ, ସ୍ୱଚ୍ଛ ରେଳଗାଡି ଇତ୍ୟାଦି କାର୍ଯ୍ୟକଳାପ ରେଳପଥ ପକ୍ଷରୁ ହାତକୁ ନିଆଯାଇଥିଲା। ସେହିଭଳି ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ମଧ୍ୟ ହୋଇଥିଲା। ଗାନ୍ଧୀ ଜୟନ୍ତୀରେ ପୂର୍ବତଟ ରେଳବାଇର ଅତିରିକ୍ତ ଜେନେରାଲ୍ ମ୍ୟାନେଜର ସୁଧୀର କୁମାର ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ତଥା ସଫଳତା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସମ୍ମାନିତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ। ରେଳବାଇର ସମେତ ବିଭାଗର ପ୍ରମୁଖ ଅଧିକାରୀ, ବରିଷ୍ଠ ଅଧିକାରୀ, ଓ କର୍ମଚାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।


ଭୁବନେଶ୍ୱରସ୍ଥିତ ଗାନ୍ଧୀ ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ।


ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ପୁଷ୍ପମାଲ୍ୟାର୍ପଣ କରୁଛନ୍ତି।


ଭୁବନେଶ୍ୱରସ୍ଥିତ ବିଜୁ ଜନତା ଦଳର ମୁଖ୍ୟ କାର୍ଯ୍ୟାଳୟଠାରେ ଗାନ୍ଧୀ ଜୟନ୍ତୀ ପାଳନବେଳେ ଉପସ୍ଥିତ ନେତା ଓ କର୍ମୀ।

## ସଂକ୍ଷେପରେ

### ବାର୍‌ରେ ମାରପିଟ, ୩ ଗୁରୁତର

ବାରଙ୍ଗ,୨।୧୦(ଡି.ଏନ୍.ଏ.): ବାରଙ୍ଗସ୍ଥିତ ଏକ ମଦ ବାର୍‌ରେ ଶନିବାର କେତେଜଣ ଯୁବକ ନିଶାରେ ବୋତଲ ଭାଙ୍ଗି ମାରପିଟ ହୋଇଛନ୍ତି। ଫଳରେ ଏହି ଗଣ୍ଡଗୋଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଗୋଡିସାହି ଫାଣ୍ଡିଠାରୁ ଅଳ୍ପଦୂର ଗୋବିନ୍ଦପୁର ଛକରେ ଥିବା ଏକ ବାରରେ ଶନିବାର ଅପରାହ୍ନରେ ମୁଣ୍ଡଳି ଗ୍ରାମର ୨ ଯୁବକ ବସି ମଦ୍ୟପାନ କରୁଥିଲେ। ଏହି ସମୟରେ ବାଆଁରା ଗ୍ରାମର ଜଣେ ଯୁବକ ଆସି ଏହି ଦୁଇ ଯୁବକଙ୍କ ସହ ମିଶି ମଦ୍ୟପାନ କରିଥିଲେ। କୌଣସି କାରଣରୁ ୩ଜଣଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇ ଉଗ୍ରରୂପ ଧାରଣ କରିଥିଲା। ପରେ ପିଉଥିବା ମଦବୋତଲ ଭାଙ୍ଗି ଉଭୟଙ୍କ ମଧ୍ୟରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଫାଣ୍ଡି ପୋଲିସ ପହଞ୍ଚି ଏହି ଗୁରୁତର ଆହତ ହୋଇଥିବା ତିନିଜଣଙ୍କୁ କଟକ ବଡ ମେଡିକାଲ ପଠାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଗାନ୍ଧୀପୀଠରୁ ବିଜେଡି ସାମାଜିକ ସେବା ଆରମ୍ଭ

ବାଲିଅନ୍ତା,୨।୧୦(ଡି.ଏନ୍.ଏ.): ଜୟଦେବ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶନିବାର ଗାନ୍ଧୀ ଜୟନ୍ତୀ ଅବସରରେ ବାଲିଅନ୍ତାସ୍ଥିତ ଗାନ୍ଧୀ ସ୍ମୃତିପୀଠରୁ ସାମାଜିକ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଯୁବକ ଓ କର୍ମୀମାନେ ସେବା କାର୍ଯ୍ୟକ୍ରମ ପାଇଁ ବାହାରିଥିଲେ। ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ କଲେଜ ଓ କୁଶଗାଡ଼ିଆସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସଫେଇ କରାଯାଇଥିଲା। କର୍ମୀମାନେ ମହାତ୍ମାସେତୁ, ବଇଁଚୁଆ ଗାନ୍ଧୀ ଛକ ଓ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ବ୍ଲକର ବିଜେଡି ସଭାପତି ପ୍ରଦୀପ ଜେନାମଣି, ବାଲିପାଟଣା ସଭାପତି କିଶୋର ଜେନା, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି, ବାଲିପାଟଣା ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ, ତପନ ପରିଡ଼ା, ନମିତା ବେହେରା, ସଚିଦା ନନ୍ଦ ଜେନା, ନବକିଶୋର ମଲ୍ଲିକ, ମହେଶ୍ୱର ଦାସ ପ୍ରମୁଖ ଯୋଗଦେଇଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ବାରଙ୍ଗ,୨।୧୦(ଡି.ଏନ୍.ଏ.): ଗାନ୍ଧୀ ଜୟନ୍ତୀ ଅବସରରେ ବାରଙ୍ଗ ବ୍ଲକ ଦାଢ଼ାପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଅନ୍ୟ ଅତିଥି ଭାବେ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଜିଲା ପରିଷଦ ସଭ୍ୟ ସସ୍ମିତା ସାହୁ, ବିଡିଓ ପ୍ରଭାକର ପଣ୍ଡା, ସହକାର ଯନ୍ତ୍ରୀ ମନମୋହନ ଗୋଛିକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦାଢ଼ାପାଟଣା ସରପଞ୍ଚ ସ୍ୱର୍ଣ୍ଣଲତା ବିଶାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାକୁ ସଂଗ୍ରାମ କେଶରୀ ମହାପାତ୍ର, ହେମନ୍ତ ବିଶ୍ୱାଳ ଓ ରଣଜିତ ବିଶୋଇ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଭୁବନେଶ୍ୱର, ୨।୧୦ (ବ୍ୟୁରୋ): ଜୟ ମା’ ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶନିବାର ଶହୀଦ ନଗର ବିଷ୍ଣୁ ମନ୍ଦିରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲଡ଼ ସୁଗାର, ଦାନ୍ତ, ଆୟୁର୍ବେଦିକ ଓ ଆଖି ପରୀକ୍ଷା କରାଯାଇ ଡାକ୍ତରଙ୍କ ସୁପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ମାନବ କଲ୍ୟାଣ କାର୍ଯ୍ୟ ନିମନ୍ତେ ଗଜେନ୍ଦ୍ର ବେହେରା, ଅର୍ଜୁନ ମୁଦୁଲି ଓ ରାଧାକାନ୍ତ କ୍ଲବ ବନମାଳୀ ପୁରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଆଦିତ୍ୟ କୁମାର ମହାନ୍ତି, ଦିଲ୍ଲୀପ ମହାନ୍ତି, ଲଳିତ ମୋହନ ପଣ୍ଡା, ଶ୍ୱାତୀ ମିଶ୍ର, ପ୍ରମୋଦିନି ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଲୋଭ ଦେଖାଇ କୋଟିଏରୁ ଊର୍ଦ୍ଧ୍ୱ ଠକେଇ

- ଅଭିଯୁକ୍ତଙ୍କୁ ଭୋପାଳରୁ ଗିରଫ କଲା ପୋଲିସ
- ଶତାଧିକ ଜମାକାରୀ ନିରାଶ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ବ୍ୟାଙ୍କ, ପୋଷ୍ଟ ଅଫିସ୍‌ଠାରୁ ଅଧିକ ସୁଧ ସହ ୪ ବର୍ଷରେ ମୂଳଜମା ଦୁଇ ଗୁଣ ହୋଇଯିବାର ଲୋଭନୀୟ ପ୍ରତିଶ୍ରୁତି ଦେଇ ଖଣ୍ଡଗିରି ଥାନା ଅଞ୍ଚଳରୁ ଶତାଧିକ ଜମାକାରୀଙ୍କଠାରୁ ପ୍ରାୟ କୋଟିଏରୁ ଅଧିକ ଟଙ୍କା ଠକେଇ ହୋଇଛି। ଏହି ଘଟଣାରେ ଫେରାର ଥିବା ଜଣେ ଠକଙ୍କୁ ଖଣ୍ଡଗିରି ପୋଲିସ ଭୋପାଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ସୂର୍ଯ୍ୟନଗର ଅଞ୍ଚଳରେ ଦୀର୍ଘବର୍ଷ ଧରି ରହୁଥିବା ମଧ୍ୟପ୍ରଦେଶର ଓମ୍ ପ୍ରକାଶ ଭରୱନ୍ତ(୨୮)। ଗିରଫ ଓମ୍ ପ୍ରକାଶଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି।

ମଧ୍ୟ ପ୍ରଦେଶର ଓମ୍ ପ୍ରକାଶ ଭରୱନ୍ତ ଖଣ୍ଡଗିରି ଥାନା ବରମୁଣ୍ଡା ବିଡିଏ ଡୁପ୍ଲେକ୍ସ ବି/୯୫ରେ ଏକ ଶେୟାର ଟ୍ରେଡିଂ କମ୍ପାନୀ କରିଥିଲେ। ଓମ୍ ପ୍ରକାଶ ୨ଟି ସ୍କିମ୍ କରି ଟଙ୍କା ଆଦାୟ କରୁଥିଲେ। ପ୍ରଥମ ସ୍କିମ୍‌ରେ ୪ବର୍ଷରେ ଜମାରାଶି ୨ ଗୁଣ ଏବଂ ୨ୟ ସ୍କିମ୍‌ରେ ପ୍ରତି ମାସରେ ଜମାରାଶି ଉପରେ ୧୫% ସୁଧ ଦେବାର ପ୍ରଲୋଭନ ଦେଖାଇଥିଲେ। ଏଥିରେ ବିଶ୍ୱାସ କରି ଖଣ୍ଡଗିରି ଥାନା ଅଞ୍ଚଳର ଶତାଧିକ ଲୋକ ଲକ୍ଷଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଟଙ୍କା ନେବା ପରେ ସଂସ୍ଥା ଗୋଟିଏ ବର୍ଷ ମଧ୍ୟ ଚାଲି ନ ଥିଲା। କିଛି ଦିନ ପରେ ଅଫିସରେ ତାଲା



ଓମ୍ ପ୍ରକାଶ ଭରୱନ୍ତ

ଝୁଲୁଥିଲା। ପରେ ଲୋକେ ଓମପ୍ରକାଶଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କର ଟେର ପାଇ ନ ଥିଲେ। ଏହି ଠକେଇର ଶିକାର ହୋଇଥିବା ସତ୍ୟଜିତ ସାମନ୍ତରାୟ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ଠକେଇ ପରିମାଣ ବଢ଼ିବାକୁ ଲାଗିଥିଲା। ଏପରି କି ୩ ଜଣ ଅଭିଯୋଗକାରୀଙ୍କ ଠାରୁ ପ୍ରାୟ ୮୭ ଲକ୍ଷ ଠକେଇ ଅଭିଯୋଗ ହୋଇଥିଲା। ଫେରାର ଓମ୍ ପ୍ରକାଶଙ୍କୁ ଧରିବାକୁ ଖଣ୍ଡଗିରି ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଭୋପାଳରେ ଡେରା ପକାଇଥିଲା। ଗୋଟିଏ ସପ୍ତାହ ଅପେକ୍ଷା ପରେ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତଦନ୍ତ ନେଇ ଆବଶ୍ୟକ ପଡିଲେ ପୋଲିସ ଓମ୍ ପ୍ରକାଶଙ୍କୁ ରିମାଣ୍ଡରେ ଆଣିବ ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ଭୁବନେଶ୍ୱର ବରମୁଣ୍ଡାରେ ଅଫିସ୍ ଖୋଲି ଓମ୍‌ପ୍ରକାଶ ଲୋକଙ୍କୁ ଠକୁଥିଲେ। ଠକେଇର ପରିମାଣ ବଢୁଥିବାରୁ ଗିରଫ ଓମ୍ ପ୍ରକାଶ ଆଉ କେତେ ଟଙ୍କା ଠକେଇ କରିଛନ୍ତି ତା’ର ଖୋଳତାଡ଼ କମିଶନରେଟ ପୋଲିସ କରୁଛି।



ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍, ସିଭିଲ ସୋସାଇଟି ଅର୍ଗାନାଇଜେଶନ, କିଆରା ଫାଉଣ୍ଡେଶନ ଓ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ସାଇକେଲ ରାଲିର ଶୁଭାରମ୍ଭ କରାଯାଉଛି।

# ସୁସ୍ଥ ଜୀବନର ବାର୍ତ୍ତା ଦେଲା ସାଇକେଲ ଶୋଭାଯାତ୍ରା

## ‘ଆଜାଦୀ କା ଅମୃତ ମହୋତ୍ସବ’ ଅବସରରେ ବିଏମ୍‌ସିର ଜୋନ୍‌ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ସୁସ୍ଥ ଜୀବନ ପ୍ରଣାଳୀ ସହିତ ସ୍ତନ କର୍କଟ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ଏକ ସାଇକେଲ ଶୋଭାଯାତ୍ରା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଆଜାଦୀ କା ଅମୃତ ମହୋତ୍ସବ ଏବଂ ମହାତ୍ମା ଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ସିଭିଲ ସୋସାଇଟି ଅର୍ଗାନାଇଜେଶନ, କିଆରା ଫାଉଣ୍ଡେଶନ ଓ କମିଶନରେଟ୍ ପୋଲିସ ପକ୍ଷରୁ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସକାଳ ୭ଟା ୫ରୁ ଶୋଭାଯାତ୍ରା ଶିଶୁଭବନ ଛକଠାରୁ ବାହାରି ଜନପଥ, ପ୍ରଦର୍ଶନୀ ପଡିଆ, ସଚିବାଳୟ ମାର୍ଗ, ଉଦ୍ୟାନ ମାର୍ଗ ଦେଇ ପୁଣି ଶିଶୁ ଭବନ ଛକରେ ପହଞ୍ଚିଥିଲା। ଏଥିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, କମଳା ନେହରୁ ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ମହିଳା ଖବରଦାତାମାନେ ଅଂଶ ଗ୍ରହଣ କରିଥିଲେ। ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସରର ନିର୍ଦ୍ଦେଶକ ପ୍ରଫେସର ଡ. ଲଲାଟେନ୍ଦୁ ଷଡଙ୍ଗୀ, ଏମ୍‌ସର ସର୍ଜିକାଲ୍ ଅଙ୍କୋଲୋଜି ବିଭାଗ ମୁଖ୍ୟ ଡା. ମାଧବାନନ୍ଦ କର, ବିଏସ୍‌ସିଏଲ୍ ଜେନେରାଲ ମ୍ୟାନେଜର କମଲଜିତ୍ ଦାସ, କିଆରା ଫାଉଣ୍ଡେଶନର ପ୍ରତିଷ୍ଠାତା ଲିଲି ଜେନାମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

ସେହିପରି ବିଏମ୍‌ସିର ୩ଟି ଜୋନ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗୋଷ୍ଠୀ, ଏସ୍‌ଏଚ୍‌ଜି, ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପୃଥକୀକରଣ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏନେଇ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସାଇନ୍ସ ଶୋ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ଦକ୍ଷିଣ ପୂର୍ବ ଜୋନ୍‌ରେ ୟୁନିଟ୍-୯ ବାଳକ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଅନନ୍ତ ନାରାୟଣ ଜେନା, କ୍ରୀଡାବିତ୍ ଦିଲୀପ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହପରି ୟୁନିଟ୍-୮ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଦକ୍ଷିଣ ପଶ୍ଚିମ ଜୋନ୍ ଓ ଭିଏସ୍‌ଏସ୍ କଲ୍ୟାଣ ମଣ୍ଡପରେ ଉତ୍ତର ଜୋନ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ଶୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରତ୍ୟେକ ଜୋନ୍‌ରେ ସ୍ଥାନୀୟ ଜୋନାଲ ଡେପୁଟି କମିଶନର ଉପସ୍ଥିତ ଥିଲେ।

## ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଗୁରୁତର ସମସ୍ୟା

ପୁରୀ ଅଫିସ,୨।୧୦

ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗୁରୁତର ସମସ୍ୟା। ଏହା ସାମୁଦ୍ରିକ ଜଳ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରିଥାଏ। ଏବେଠାରୁ ଏହା ଉପରେ ଚିନ୍ତା କରିବାର ସମୟ ଆସିଛି। ଗାନ୍ଧୀ ଜୟନ୍ତୀ ଅବସରରେ ବେଳାଭୂମିରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଚେନ୍ନାଇସ୍ଥିତ ଜାତୀୟ ସାଗର ତଟ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ ଅବସରରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷା ଡ. ସୁଜାତା ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଉକ୍ତ କଲେଜର ଏନ୍‌ସିସି, ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ସହିତ କଲେଜର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଂଗଠନ, ଜନତା, ସ୍ଥାନୀୟ ବ୍ୟବସାୟୀ ଓ ପର୍ଯ୍ୟଟକ ଭାଗ ନେଇଥିଲେ। ଏଥିସହ ବେଳାଭୂମିର ସ୍ୱଚ୍ଛତା ସୁରକ୍ଷା ପାଇଁ ଏକ ପଦଯାତ୍ରା କରାଯାଇ ସଚେତନତା କରାଯାଇଥିଲା। ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଦେବୀ ପ୍ରସାଦ ମହାପାତ୍ର, ପୁରୀ ମ୍ୟୁନିସିପାଲିଟି ପ୍ରବର୍ତ୍ତନ ଅଧିକାରୀ ବୃନ୍ଦାବନ ପତି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଡ. ପ୍ରଭାକର ମିଶ୍ରଙ୍କ ପ୍ରଚେଷ୍ଟାରେ ବେଳାଭୂମି ସଫେଇ ହୋଇଥିବାବେଳେ କଲେଜର ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ଡ. ସଞ୍ଜୟ ସୁନ୍ଦରାୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଫେଇ ବେଳେ ବେଳାଭୂମିର ୧,୦୨,୦୦୦ ବର୍ଗ ମିଟର ଅଞ୍ଚଳରୁ ୩୧ କିସମର ୩୯.୬ କେଜି ବର୍ଜ୍ୟବସ୍ତୁ ସଂଗୃହୀତ ହୋଇଥିଲା। ଶେଷରେ ସଂଗୃହୀତ ବର୍ଜ୍ୟବସ୍ତୁ ପୁରୀ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରାଯାଇଥିଲା।



ଛାତ୍ରୀଛାତ୍ରଙ୍କ ଦ୍ୱାରା ପୁରୀ ବେଳାଭୂମି ସଫେଇ କରାଯାଉଛି।

## ଗୁରୁଜୀ ଗୁରୁମା’ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଚୟନ

ବାଲକାଟୀ,୨।୧୦(ଡି.ଏନ୍.ଏ.)

ଗାନ୍ଧୀ ଜୟନ୍ତୀ ଅବସରରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଏରକଣ୍ଟା ଗ୍ରାମସ୍ଥିତ ଲିଙ୍ଗରାଜ ମହାଦେବଙ୍କ ମନ୍ଦିର ପରିସରରେ ଗୁରୁଜୀ ଗୁରୁମା’ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷକ ବିଷ୍ଣୁଚରଣ ବେହେରା ଅଧ୍ୟକ୍ଷତା କରିଥିବାବେଳେ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କୃଷ୍ଣଚନ୍ଦ୍ର କୁଣ୍ଡ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହ ସମ୍ପାଦକ ରାଜକିଶୋର ମିଶ୍ର, ଉପସଭାପତି ଯୋଗେନ୍ଦ୍ର ସେଠୀଙ୍କୁ ଚୟନ କରାଯାଇଥିଲା। ଆଗାମୀ ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବାର ସ୍ଥିର ହୋଇଥିଲା।

## ୫ ବଖରା ଜଳିଗଲା

ବାଲିଅନ୍ତା,୨।୧୦(ଡି.ଏନ୍.ଏ.): ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ଅଧୀନ ଜୟପୁର ଭୋଇ ସାହି ଗ୍ରାମରେ ଶନିବାର ଅପରାହ୍ନ ୫ଟାରେ ଅଗ୍ନିକାଣ୍ଡ ଘଟି ୫ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଧାନ, ଚାଉଳ, ଲୁଗାପଟା, ଆସବାବପତ୍ର ଓ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ବାଲିଅନ୍ତା ଓ ଭୁବନେଶ୍ୱରରୁ ୩ଟି ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କାରଣ ଜଣାପଡ଼ିନାହିଁ। ଖବରପାଇ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା କରିଛନ୍ତି।

# ‘ଦାଦାବଟିକୁ ନା’ ଅଭିଯାନକୁ କଡ଼ାକଡ଼ି ପାଳନ କରାଯିବ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

କରୋନା କଟକଣା ମଧ୍ୟରେ ଦଶହରା ପର୍ବ ପାଳନ ହେବ। ତେବେ ପାର୍ବଣ ପୂର୍ବରୁ ଟୁଇନ୍ ସିଟି କଟକ-ଭୁବନେଶ୍ୱରରେ ଶାନ୍ତିଶୃଙ୍ଖଳାକୁ ନେଇ ସଜାଗ ହୋଇଛି କମିଶନରେଟ ପୋଲିସ। ଦ୍ୱୈତନଗରୀରେ ‘ଦାଦା ବଟିକୁ ନା’ ଅଭିଯାନକୁ ପୋଲିସ ଜୋର୍‌ଦାର କରିଛି। ଏଥର ଚାନ୍ଦା ମାଗିଲେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦ୍ୱୈତନଗରୀରେ କାର୍ଯ୍ୟରତ ଅଫିସରଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଚାନ୍ଦା ମାଗୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସକୁ ତୁରନ୍ତ ଖବର ଦେବାକୁ ପରାମର୍ଶ ଦେଇଛନ୍ତି। ସୂଚନା ମୁତାବକ ପ୍ରତିବର୍ଷ ପାର୍ବଣ ଆସିବା ମାତ୍ରେ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିମାନେ ସକ୍ରିୟ ହୋଇଉଠନ୍ତି। ବିଭିନ୍ନ ଶିଳ୍ପପତି ବ୍ୟବସାୟୀ ଏପରି କି ସରକାରୀ ଅଧିକାରୀଙ୍କ ଠାରୁ ଅସାଧୁ ବ୍ୟକ୍ତିମାନେ ବିଭିନ୍ନ ଉପାୟରେ ଭୟଭୀତ କରାଇ ଚାନ୍ଦା ଆଦାୟ କରନ୍ତି। ମାତ୍ର ଏଥର ଦୁର୍ଗା ପୂଜାରେ ଯଦି କୌଣସି ବ୍ୟକ୍ତି ଚାନ୍ଦା ମାଗନ୍ତି ତେବେ କଠୋର କାର୍ଯ୍ୟାନୁଷ୍ଠାନ ପୋଲିସ ଗ୍ରହଣ କରିବ। ଏନେଇ ଜନସାଧାରଣ ସିଧାସଳଖ ପୋଲିସକୁ ଖବର ଦେବେ, ସେମାନଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ଯିଏ ଜବରଦସ୍ତି ଚାନ୍ଦା ମାଗିବାକୁ ଉଦ୍ୟମ କରିବ ସେମାନଙ୍କୁ ଆଉ ନିସ୍ତାର ନାହିଁ ବୋଲି ପୋଲିସ କମିଶନର ଶନିବାର ସୂଚନା ଦେଇଛନ୍ତି।

## ଫିଲ୍ମରେ କାମ ଦେବା ଆଳରେ ଲକ୍ଷାଧିକ ଠକେଇ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ନିଜକୁ ଫିଲ୍ମ ନିର୍ଦ୍ଦେଶକ(ଡାଇରେକ୍ଟର) ପରିଚୟ ଦେବା ସହ ଫିଲ୍ମରେ କାମ କରିବାର ପ୍ରଲୋଭନ ଦେଖାଇ ୧୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏନେଇ ନୟାପଲ୍ଲୀ ଥାନାରେ ଠକେଇର ଶିକାର ଯୁବତୀଯୁବକ ଦ୍ୱାରସ୍ଥ ହୋଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାମୁତାବକ ଅଭିଯୁକ୍ତ ନିଜକୁ ବଲିଉଡ୍‌ର ଜଣେ ଡାଇରେକ୍ଟର ପରିଚୟ ଦେଇ ଜଣେ ଯୁବତୀଙ୍କୁ ବଡ଼ ବ୍ୟାନରରେ କାମ କରିବାର ସୁଯୋଗ ଦେବାର ପ୍ରଲୋଭନ ଦେଖାଇଥିଲେ। ଏଥିସହ ନିଜେ ଗୋଟିଏ ୱେବ୍ ମିଡିଆର ମାଲିକ ବୋଲି ମଧ୍ୟ ପରିଚୟ ଦେଇଥିଲେ। ଆଡ୍ ସୁଟ କରିବାର ଆଶା ଦେଖାଇ ୧୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଆଡ୍ ସୁଟ ହୋଇ ନ ଥିଲା। ଟଙ୍କା ଫେରସ୍ତ ପାଇବା ନେଇ ବାରମ୍ବାର ଫୋନ କରିବାରୁ ଧମକ ଚମକ ଦେଉଥିଲେ। ପରେ ଠକେଇର ଶିକାର ଯୁବତୀଯୁବକ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବନ କର୍ମଚାରୀଙ୍କୁ ମାଡ଼ମାରି ଆଣ୍ଟେଇବା ଘଟଣା, ୨ ଗିରଫ

ବାଣପୁର,୨।୧୦(ଡି.ଏନ୍.ଏ.)

ବରବରା ଧୂଆଁନଳୀ ଜଙ୍ଗଲରୁ ଶାଗୁଆନ ଗଛ କଟାକୁ ନେଇ ଶୁକ୍ରବାର ସ୍ଥାନୀୟ ଫରେଷ୍ଟରଙ୍କ ସମେତ ବନ କର୍ମଚାରୀଙ୍କୁ କେତେଜଣ ଗ୍ରାମବାସୀ ମାଡ଼ ମାରି ଆଣ୍ଟେଇ ଦେଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୨ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୀଳାଦ୍ରି ପ୍ରସାଦ ଗ୍ରାମର ଶିବ ନାୟକ ଓ କିଆଗୋରଡା ଗ୍ରାମର ବିଜୟ ବେହେରା। ପ୍ରକାଶ ଯେ, ଏହି ଜଙ୍ଗଲରୁ ଶୁକ୍ରବାର ସକାଳେ ସ୍ଥାନୀୟ ଫରେଷ୍ଟରଙ୍କ ସମେତ କେତେଜଣ ବନ କର୍ମଚାରୀ ଗଛ କଟାଳିଙ୍କ ସହାୟତାରେ ଏକ ଶାଗୁଆନ ଗଛ କାଟୁଥିଲେ। କାଠ ଚୋରମାନେ ଗଛ କାଟୁଥିବା ସନ୍ଦେହ କରି କିଆଗୋରଡା ଗ୍ରାମର କେତେଜଣ ଲୋକ ପହଞ୍ଚି ବିରୋଧ କରିଥିଲେ। ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଭୟରେ କେତେଜଣ ବନ କର୍ମଚାରୀ ଓ ଗଛ କଟାଳି ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ୩ଜଣ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଆଣ୍ଟେଇ ଦେଇଥିଲେ। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ଅଟକ ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ବନ କର୍ମଚାରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୪୧/୨୧)ରୁଜୁ କରିଛି। ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ବିଜୟ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ସ୍ଥାନୀୟ ଫରେଷ୍ଟର ଓ ବନକର୍ମଚାରୀଙ୍କ ନାମରେ ଏକ ମାମଲା (ନଂ.୩୪୩/୨୧) ରୁଜୁକରି ତଦନ୍ତ ଚଳାଇଛି।



ଭୁବନେଶ୍ୱର ବୁଦ୍ଧମନ୍ଦିରରେ ଶନିବାର ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ଉତ୍କଳୀୟମ୍ ଯୁବ ଉତ୍ସବରେ ଖୋର୍ଦ୍ଧା ବିଡିଓ ରୁମାନା ଜାଫ୍ରିଙ୍କୁ ସମ୍ମାନିତ କରାଯାଉଛି।

## ରାଜ୍ୟ ସଂଗ୍ରହାଳୟରେ ରାବଣଛାୟା ପ୍ରଦର୍ଶିତ

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଶନିବାର ରାଜ୍ୟ ସଂଗ୍ରହାଳୟ ଠାରେ ପାଳିତ ହୋଇ ଯାଇଛି। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଏକ ଶହ ବର୍ଷ ପୂର୍ତ୍ତି ଉତ୍ସବ ସମାରୋହ ପୂର୍ବକ ସ୍ୱତନ୍ତ୍ର ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଏହି ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଲେ, ଗାନ୍ଧିଜୀଙ୍କ ଅହିଂସା ବିଚାରଧାରାକୁ ଗଭୀରତାର ସହ ହୃଦୟଙ୍ଗମ କରି ଏହାକୁ କାର୍ଯ୍ୟରେ ଆପଣାଇ ପାରିଲେ ତାହା ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରାକୁ ଆମ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଡ. ଗୌରାଙ୍ଗ ଚରଣ ଦାସଙ୍କ ନେତୃତ୍ୱରେ ପାଲଲହଡ଼ାର ପ୍ରସିଦ୍ଧ ରାବଣଛାୟା ଲୋକକଳା ମାଧ୍ୟମରେ ‘ଅନୁଗୁଳରେ ଗାନ୍ଧିଜୀ’ ଶୀର୍ଷକ ଏକ ଛାୟା ନାଟକ ପ୍ରଦର୍ଶନ କରାଯାଇ ଥିଲା। ଅତିଥି ଦାସଙ୍କୁ ଅରଟ ପ୍ରତିକୃତି ସ୍ମୃତିଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆୟୋଜିତ ପ୍ରବନ୍ଧ ପତିଯୋଗିତାରେ ବିଜେତା ହୋଇଥିବା ଅଙ୍କିତା ମହାରଣା, ଦୀକ୍ଷିତା ବହିଦାର ଓ ପ୍ରିୟଦର୍ଶିନୀ ଜେନାଙ୍କୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଓ ମାନପତ୍ର ପ୍ରଦାନ କରା ଯାଇଥିଲା। ସେହିପରି ଗାଳ୍ପିକା ପ୍ରାଚୀତାରାଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଦାଶ ବେନ୍‌ହୁରଙ୍କ ଦ୍ୱାରା ଲିଖିତ ‘ତୁମେ କହିଥିଲ ବାପୁ’ ଗଳ୍ପର ସିଡିକୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଥିଲା। ଗାନ୍ଧିଜୀଙ୍କ ୮ଥର ଓଡ଼ିଶା ଆଗମନକୁ ନେଇ ଏହି ୮ଟି ଗଳ୍ପ ପ୍ରସ୍ତୁତ ହୋଇଛି। ସେଥି ମଧ୍ୟରୁ ଗୋଟିଏ ଗଳ୍ପକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି ଗଳ୍ପଗୁଡ଼ିକୁ ସଂସ୍କୃତି ବିଭାଗର ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେବା ସହ ସମସ୍ତ ସ୍କୁଲଗୁଡ଼ିକୁ ପଠାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଗାନ୍ଧୀଜୀଙ୍କୁ ଅତି ପାଖରୁ ଜାଣି ପାରିବେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପସ୍ଥିତ ସମସ୍ତେ ରାମ୍‌ଧୁନ୍ ଗାନ କରିଥିଲେ।

**ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବେଳାଭୂମି ସଫେଇ**

କୃଷ୍ଣପ୍ରସାଦ : ସାବିତ୍ରୀ ଚାରିଟେବୁଲ ଟ୍ରଷ୍ଟ, ସିଆରା ପକ୍ଷରୁ ଶନିବାର ଭାବକୁଣ୍ଡଳେଶ୍ୱର ନିକଟ ବେଳାଭୂମିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସତ୍ୟ ରଞ୍ଜନ ମିଶ୍ର ଓ ସାମାଜିକ କର୍ମୀ ଗଦାଧର ପ୍ରଧାନଙ୍କ ନେତୃତ୍ୱରେ ୫୦ଜଣ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଥିଲେ। ଅଲିଭ ରିଡେଲ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ ଲାଗି ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପ୍ରାୟ ଦେଢ କିଲୋମିଟର ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ବେଳାଭୂମି ପରିସର ସ୍ୱଚ୍ଛ ରହିଲେ ପର୍ଯ୍ୟଟକଙ୍କ ସମାଗମ ବଢ଼ିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଆଶିଷ କୁମାର ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

ବାଲୁଗାଁ,୨।୧୦(ଡି.ଏନ୍.ଏ.): ବାଲୁଗାଁ ନିକଟ ନାଭାଲ ଫାଣ୍ଡିର ଅନତି ଦୂର ୧୬ନଂ. ଜାତୀୟ ରାଜପଥ ସୋଲ ପୋଖରୀଠାରେ ଶନିବାର ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାଇଁମଲ୍ଲ ଗ୍ରାମର ମାଧବ ସ୍ୱାଇଁ(୫୫)। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ କାର୍ଯ୍ୟସାରି ମାଧବ ସ୍କୁଟିରେ ଘରକୁ ଫେରୁଥିବା ବେଳେ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ ଅଧିକାରୀ ନିତ୍ୟାନନ୍ଦ ଜେନା ସଦଳବଳ ପହଞ୍ଚି ମାଧବଙ୍କୁ ଗୁରୁତର ଅବସ୍ଥାରେ ବାଲୁଗାଁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଛି ବୋଲି ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି।

### ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

ନିରାକାରପୁର,୨।୧୦(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ୱାର୍କ ଫର ନେଶନ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ଦାସ, ଅଧାପକ କୈଳାସ ତ୍ରିପାଠୀ, ସ୍ଥାନୀୟ ସରକାରୀ ମେଡିକାଲ ଅଫିସର ସୁଲଗ୍ନା ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଞ୍ଚଳର ବିଭିନ୍ନ ଦିଗରେ ସୁନାମ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ସଭାପତି ଚିତ୍ତରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଙ୍ଗଳା ମନ୍ଦିର ପୂଜକଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୨।୧୦: ଖୋର୍ଦ୍ଧା ମଙ୍ଗଳା ମନ୍ଦିରର ବରିଷ୍ଠ ପୂଜକ ବିପିନ ବିହାରୀ ସାମନ୍ତରାୟଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୪୬ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଶେଷ ଦର୍ଶନ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ପୁଅ ଗଗନ ମୁଖାଗ୍ନି ଦେଇଥିବା ବେଳେ ଟିଏଲ୍‌ସି ରୋଡସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ୪୦୧ ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨।୧୦ (ଡିଏନ୍.ଏ.): ବେଗୁନିଆ ନିର୍ବାଚନମଣ୍ଡଳୀ ଯୁବ ବିଜେଡି ଆନୁକୂଲ୍ୟରେ ଶନିବାର ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ, ନନ୍ଦିଘୋଷ ମହୋତ୍ସବ ଗୃହ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ବ୍ଲଡ ବ୍ୟାଙ୍କ ଦ୍ୱାରା ୨୦୨, ଖୋର୍ଦ୍ଧା ବ୍ଲଡ ବ୍ୟାଙ୍କ ଦ୍ୱାରା ୧୫୩, ନୟାଗଡ଼ ବ୍ଲକ ବ୍ୟାଙ୍କ ଦ୍ୱାରା ୪୬ ମୋଟ ୪୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ବିଡିଓ, ତହସିଲଦାର, କଲେଜ ଅଧାପକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସୁବୁଦ୍ଧି, ଗୋପାଳ ବେହେରା, ଅଭିଷେକ ସିଂ ସାମନ୍ତ, ଦୁର୍ଯ୍ୟୋଧନ ସ୍ୱାଇଁ, ଦୀପ୍ତିରଞ୍ଜନ ସାହୁ, ବାନାମ୍ବର ମାଝି, ସରପଞ୍ଚ ବବିତା ସାହୁ, ଶୈଳବାଳା ବାହିନୀପତି, ଦୁର୍ଗାଚରଣ ଦଳବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

### ଜଟଣୀ ୟୁଥ ଫେଡେରେଶନ ପ୍ରତିଷ୍ଠା ଦିବସ ପାଳିତ

ଜଟଣୀ,୨।୧୦(ଡି.ଏନ୍.ଏ.): ଗାନ୍ଧୀ ଜୟନ୍ତୀ ଅବସରରେ ଶନିବାର ଜଟଣୀ ୟୁଥ ଫେଡେରେଶନ ପ୍ରତିଷ୍ଠା ଦିବସ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ଫେଡେରେଶନ ପକ୍ଷରୁ ସଂଘ ସମ୍ପାଦକ ଅନନ୍ତ ଶତପଥୀଙ୍କ ନେତୃତ୍ୱରେ ରାମଚନ୍ଦ୍ରପୁର ବଜାର ସଂଘ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରା ବାହାରିଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର, ଆଇନଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ଜଟଣୀ ଲୟର୍ସ ଆସୋସିଏଶନ, ଗାନ୍ଧୀ ଶାସ୍ତ୍ରୀ ସ୍ମୃତି କିମିଟି ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ, ଜଟଣୀ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି।

# ୧.୪୬ଲକ୍ଷ ଟଙ୍କା ଲୁଟ୍ ନାଟକ ରଚିଥିଲେ ଯୁବକ

- ମାନସିକ ସ୍ଥିତି ଭଲ ନ ଥିବା କହି ଖସି ପଳାଇଲେ
- ଋଣ ଭାରରୁ ମୁକ୍ତି ପାଇଁ ରଚିଥିବା ସନ୍ଦେହ

ଖୋର୍ଦ୍ଧା ଅଫିସ,୨।୧୦

ବାଘମାରୀ ଥାନା ଅନ୍ତର୍ଗତ ସିମୋର-ବଡ଼ବେରଣା ମଝିରେ ଶନିବାର ଜଣେ ଯୁବକଙ୍କୁ ଦୁଇଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧ଲକ୍ଷ ୪୬ହଜାର ଟଙ୍କା ଲୁଟି ନେଇଥିବା ନେଇ ଆଲୋଡନ ସୃଷ୍ଟି ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଯୁବକ ଲୁଟ୍‌ର ନାଟକ ରଚିଥିବା ଜଣାପଡିଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି। ତେବେ ଯୁବକ ଜଣକ ଋଣ ଭାରରେ ଭାରାକ୍ରାନ୍ତ ହୋଇ ଲୁଟ୍‌ର ନାଟକ ରଚିଥିବା ପୋଲିସ ସନ୍ଦେହ କରିଛି।

ସୂଚନା ମୁତାବକ, କଟକ ଜିଲା ବାଙ୍କି ବୈଦେଶ୍ୱର ଥାନା ଅନ୍ତର୍ଗତ କଢ଼ାମଲ ଗ୍ରାମର ଜିତେନ୍ଦ୍ର ଗୁରୁ ଶନିବାର ସକାଳ ୯ଟାରେ ୧ଲକ୍ଷ ୪୬ହଜାର ଟଙ୍କା ବାଇକ୍ ଡିକିରେ ରଖି ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ବାଘମାରୀ-କଣ୍ଟିଲୋ ଜାତୀୟ ରାଜପଥ ସିମୋର-ବଡବେରଣା ଗ୍ରାମ ମଝିରେ ବାଇକକୁ ରାସ୍ତା କଡରେ ରଖି ପରିସ୍ରା କରି ଫେରିବା ବେଳେ ୨ଜଣ ଯୁବକ ବାଇକରେ ଆସି ତାଙ୍କ ମୁଣ୍ଡରେ ହଠାତ୍ ବନ୍ଧୁକ ଲଗାଇ ଡିକିରେ କେତେ ଟଙ୍କା ଅଛି ବାହାର କରିବାକୁ କହିଥିଲେ। ପରେ ଜିତେନ୍ଦ୍ର ଭୟଭୀତ ହୋଇ ଦୁର୍ବୃତ୍ତଙ୍କୁ ସମସ୍ତ ଟଙ୍କା ଦେଇଥିଲେ। ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ୧ଲକ୍ଷ ୩୦ ହଜାର ଟଙ୍କା ଖୋର୍ଦ୍ଧା ଏସ୍‌ବିଆଇ ବ୍ୟାଙ୍କ ଏବଂ ୧୬ ହଜାର ବାଘମାରୀର ଏକ ଏଟିଏମ୍‌ରୁ ଉଠାଇଥିଲେ। ଘର ତିଆରି ପାଇଁ ଏହି ଟଙ୍କା ଉଠାଇଥିଲେ ବୋଲି ଜିତେନ୍ଦ୍ର ଗଣମାଧ୍ୟମରେ କହିଥିଲେ। ପରେ ପୋଲିସର ଏକ ଟିମ୍ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିବାକୁ ପୋଲିସ ଜିତେନ୍ଦ୍ରଙ୍କୁ କହିଥିଲେ। ଜିତେନ୍ଦ୍ର ଥାନାକୁ ଯିବା ପରେ ପୋଲିସ ଟଙ୍କା ସମ୍ପର୍କରେ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ମାନସିକ ସ୍ଥିତି ଭଲ ନ ଥିବା, ପରବର୍ତ୍ତୀ ସମୟରେ ଅଭିଯୋଗ କରିବି ବୋଲି କହି ଜିତେନ୍ଦ୍ର ଥାନାରୁ ପଳାଇ ଆସିଥିଲେ ବୋଲି ପୋଲିସ କହିଛି।



ଓଡ଼ିଶା ଜାନିନ୍‌ଜୁକୁ ସୋଟୋକାନ କରାଟେ ସ୍କୁଲ, ଖୋର୍ଦ୍ଧା ପକ୍ଷରୁ ଶନିବାର ରୋଟାରି କ୍ଲବ ପରିସରରେ ଆୟୋଜିତ କରାଟେ କଲର ବେଲ୍ଟ ଓ ବ୍ଲାକ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କ ଗହଣରେ ଅତିଥିମାନେ।

## ବନ କର୍ମଚାରୀଙ୍କୁ ମାଡ଼ମାରି ଆଣ୍ଠେଇ ଦେବା ଘଟଣା, ୨ ଗିରଫ

ବାଣପୁର,୨।୧୦(ଡି.ଏନ୍.ଏ.)

ବରବରା ଧୂଆଁନଳୀ ଜଙ୍ଗଲରୁ ଶାଗୁଆନ ଗଛ କଟାକୁ ନେଇ ଶୁକ୍ରବାର ସ୍ଥାନୀୟ ଫରେଷ୍ଟରଙ୍କ ସମେତ ବନ କର୍ମଚାରୀଙ୍କୁ କେତେଜଣ ଗ୍ରାମବାସୀ ମାଡ଼ ମାରି ଆଣ୍ଠେଇ ଦେଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଶନିବାର ୨ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୀଳାଦ୍ରି ପ୍ରସାଦ ଗ୍ରାମର ଶିବ ନାୟକ ଓ କିଆଗୋରଡା ଗ୍ରାମର ବିଜୟ ବେହେରା। ପ୍ରକାଶ ଯେ, ଏହି ଜଙ୍ଗଲରୁ ଶୁକ୍ରବାର ସକାଳେ ସ୍ଥାନୀୟ ଫରେଷ୍ଟରଙ୍କ ସମେତ କେତେଜଣ ବନ କର୍ମଚାରୀ ଗଛ କଟାଳିଙ୍କ ସହାୟତାରେ ଏକ ଶାଗୁଆନ ଗଛ କାଟୁଥିଲେ। କାଠ ଚୋରମାନେ ଗଛ କାଟୁଥିବା ସନ୍ଦେହ କରି କିଆଗୋରଡା ଗ୍ରାମର କେତେଜଣ ଲୋକ ପହଞ୍ଚି ବିରୋଧ କରିଥିଲେ। ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଭୟରେ କେତେଜଣ ବନ କର୍ମଚାରୀ ଓ ଗଛ କଟାଳି ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ୩ଜଣ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିବା ସହ ଆଣ୍ଠେଇ ଦେଇଥିଲେ। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ଅଟକ ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ବନ କର୍ମଚାରୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୩୪୧/୨୧)ରୁଜୁ କରିଛି। ଅନ୍ୟପଟେ ଗ୍ରାମବାସୀଙ୍କ ପକ୍ଷରୁ ବିଜୟ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ସ୍ଥାନୀୟ ଫରେଷ୍ଟର ଓ ବନ କର୍ମଚାରୀଙ୍କ ନାମରେ ଏକ ମାମଲା (ନଂ.୩୪୩/୨୧) ରୁଜୁକରି ତଦନ୍ତ ଚଳାଇଛି।

## ‘ଆଧ୍ୟାତ୍ମିକତାକୁ ଆଧାରକରି ସମାଜ ସେବାରେ ବ୍ରତୀ ହୁଅ’

ବୋଲଗଡ,୨।୧୦(ଡି.ଏନ୍.ଏ.)

ସାମ୍ପ୍ରତିକ ସମୟରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଆଦର୍ଶ ପ୍ରାସଙ୍ଗିକତା ସର୍ବାଗ୍ରେ ରହିଛି। ନୈତିକତା ଏବଂ ଆଧ୍ୟାତ୍ମିକତାକୁ ଆଧାର କରି ସମାଜସେବାରେ ବ୍ରତୀ ହେଲେ ଯୁବ ସମାଜ ସୁସ୍ଥ ସମାଜ ଗଠନରେ ନିର୍ଣ୍ଣାୟକ ହୋଇପାରିବ ବୋଲି ଶନିବାର ଅନୁଷ୍ଠିତ ନାରାୟଣ ସେବା ସଂଘର ସପ୍ତବିଂଶତମ ପ୍ରତିଷ୍ଠା ଦିବସରେ ମତପ୍ରକାଶ ପାଇଥିଲା। ବୋଲଗଡ଼ ଖଦି କେନ୍ଦ୍ର ପରିସର ଗାନ୍ଧୀ ସ୍ମୃତି ମଣ୍ଡପରେ ଆୟୋଜିତ ଏକ ସଭାରେ ନାରାୟଣ ସେବାସଂଘ (ବାପୁକୁଟି)ର ସଭାପତି ସୁନୀଲ ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାମାଜିକକର୍ମୀ କୃଷ୍ଣମୋହନ ପାଲଟାସିଂହ ମୁଖ୍ୟ ଅତିଥି, ଶିକ୍ଷାବିତ ହରିବନ୍ଧୁ ସାହୁ ମୁଖ୍ୟବକ୍ତା ଏବଂ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ଖୋର୍ଦ୍ଧା ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ସଂଗ୍ରାହକ ଇଂ.ଅକ୍ଷୟ ପଟ୍ଟନାୟକ,


ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

ସାମାଜିକକର୍ମୀ ସୁରେଶ ଚନ୍ଦ୍ର ବେହେରା, ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା, ଶିକ୍ଷାବିତ ପ୍ରଫୁଲ୍ଲ ମହାପାତ୍ର, ଗୀତାଞ୍ଜଳି ମହାପାତ୍ର, ଦିବାକର ପରମଗୁରୁ, ବାଲ୍ମୀକ ବଳିୟାରସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଗୌରାଙ୍ଗ ଚମ୍ପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରମାନନ୍ଦ ମହାବିଦ୍ୟାଳୟର ୩ଜଣ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ କଲେଜ ୟୁନିଫର୍ମ ଓ ପାଠ୍ୟପୁସ୍ତକ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ବୈଦ୍ୟନାଥ ମହାରଣା ଧନ୍ୟବାଦ ଦେଇଥିଲେ।

## ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ ଉଦ୍‌ଯାପିତ



ଜଟଣୀ,୨।୧୦(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଗତ ଅଗଷ୍ଟ ୧୩ରୁ ଆୟୋଜିତ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରେଳବିଭାଗର ସମସ୍ତ କର୍ମଚାରୀଙ୍କ ଦ୍ୱାରା ଫିଟ୍‌ନେସ ଉପରେ ବିଭିନ୍ନ ଖେଳକୁଦର ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରେଳ ବିଭାଗର କ୍ରୀଡା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ରେଳବାଇ ଖେଳପଡିଆଠାରୁ ଏକ ଫିଟ୍‌ନେସ୍ ରନ୍ ସ୍ଥାନୀୟ ରେଳ ଷ୍ଟେଶନ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରେଳମଣ୍ଡଳ କ୍ରୀଡା ସଚିବ ଏମ୍.ଡି.ଜାକିରୁଦ୍ଦିନ୍ ସଂଯୋଜନା କରିଥିବା ବେଳେ ବିଭାଗୀୟ ବହୁ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ।

## ୩ ମାମଲାରେ ୬ ଗିରଫ

ଜଟଣୀ,୨।୧୦(ଡି.ଏନ୍.ଏ.)

ଜଟଣୀ ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗଡ଼ଖୋର୍ଦ୍ଧା ଅଞ୍ଚଳର ଚନ୍ଦନ ନାୟକ, ଭଗବାନ ନାୟକ, ମହାବୀର ମଲ୍ଲ, ସୁଦାମ ସାହୁ, ଜଟଣୀ ବ୍ଲକ ବେଣାପଞ୍ଜରୀ ଅଞ୍ଚଳର ଏସ୍.କେ.ପପୁ ଏବଂ ଯାବିର ଖାଁ। ପ୍ରକାଶ ଯେ, ଗତ ୨୪ତାରିଖରେ ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ଏକ ଦମ୍ପତି ଜଟଣୀରୁ ଯାଉଥିବା ବେଳେ ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଛକରେ ମହିଳା ପିନ୍ଧିଥିବା ସୁନାଚେନକୁ ଦୁଇ ଜଣ ଲୁଟେରା ଏକ ବାଇକରେ ଆସି ଲୁଟି ନେଇଥିଲେ। ସେହିପରି ଗତ ୧୭ତାରିଖ ରାତିରେ ରାଜାବଜାର ଅଞ୍ଚଳର ଜଣେ ମହିଳା ଚାଲି ଚାଲି ଯାଉଥିବା ବେଳେ ସୀତାରାମ ଛକରେ ୨ଜଣ ଦୁର୍ବୃତ୍ତ ବାଇକରେ ଆସି ସୁନାଚେନ ଝାମ୍ପି ନେଇଥିଲେ। ଏନେଇ ଥାନାରେ ପୃଥକ ଘଟଣାରେ ଦୁଇଟି ମାମଲା(ନଂ.୪୯୨/୨୧, ୪୭୮/୨୧)ରୁଜୁ ହୋଇଥିଲା। ଗତ ୧ ତାରିଖରେ ଡେଲାଙ୍ଗ ଅଞ୍ଚଳରୁ ତରାବୋଇ ରାସ୍ତାରେ ଜଟଣୀ ଆସୁଥିବା ଟ୍ରକ୍ ଚାଳକଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୫୦୫/୨୧) ରୁଜୁ ହୋଇଥିଲା।

## ପ୍ରଫୁଲ୍ଲ, ଗୁଣ୍ଡୁଚି ସମ୍ବର୍ଦ୍ଧିତ

ଖୋର୍ଦ୍ଧା ଅଫିସ,୨।୧୦

ଖୋର୍ଦ୍ଧା ନାଗରିକ ମଞ୍ଚ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଧାକୟ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବରିଷ୍ଠ ଆଇନ୍‌ଜୀବୀ ପ୍ରଫୁଲ୍ଲ ମହାନ୍ତି ଓ ସାମାଜିକ କର୍ମୀ ରାମଶଙ୍କର ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନ୍‌ଜୀବୀ ପ୍ରଫୁଲ ଚନ୍ଦ୍ର ମହାନ୍ତି ଓ ସାମାଜିକ କର୍ମୀ ଗୁଣ୍ଡୁଚି ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ଆବାହକ ସଞ୍ଜୟ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ବିଚିତ୍ର ବଡ଼ଜେନା, ଶିଶିର ପରିଡ଼ା, ବସନ୍ତ ଦାସ, ବିକ୍ରମ ଚମ୍ପତି, ଡ.ବୃନ୍ଦାବନ ପଣ୍ଡା, ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ସାହୁ, ପଦ୍ମ ଚରଣ ରାୟ, ପ୍ରଫୁଲ୍ଲ ସାମନ୍ତରା, ଅବନୀ ଜେନା, ରବି ମହାପାତ୍ର, ଶିବ ନାରାୟଣ ଦାସ, ସୁବାସ ସାମନ୍ତରାୟ, ଅମିତ ମହାନ୍ତି, ରଣଜିତ୍ ମହାପାତ୍ର, ବିପ୍ର ବେହେରା, ଅକ୍ତାର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ର ପୃଷ୍ଟି, ପ୍ଲାବନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଆଲଫା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶେଫାଳି ସଂଗ୍ରହାଳୟ ବୁଲି ଦେଖିଲେ ଆର୍ଟର୍ନି ଜେନେରାଲ


ଆର୍ଟର୍ନି ଜେନେରାଲ ରୁଦ୍ରପ୍ରକାଶ ତ୍ରିବେଦୀ ପରିବାର ସହ ସଂଗ୍ରହାଳୟ ବୁଲି ଦେଖୁଛନ୍ତି।

ଖୋର୍ଦ୍ଧା ଅଫିସ,୨।୧୦

ଭାରତ ତିବ୍ବତ ସୀମା ସୁରକ୍ଷା ବଳ (ଆଇଟିବିପି) ଆର୍ଟର୍ନି ଜେନେରାଲ ରୁଦ୍ରପ୍ରକାଶ ତ୍ରିବେଦୀ, ପରିବାର ଏବଂ ଟିମ୍ ଶନିବାର ଖୋର୍ଦ୍ଧା ରାଧାଗୋବିନ୍ଦ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟ ବୁଲି ଦେଖିଛନ୍ତି। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ଗାନ୍ଧୀଙ୍କ ଅହିଂସା ପଥ ବିଶ୍ୱକୁ ମାର୍ଗଦର୍ଶନ କରିଛି ବୋଲି କହିଥିଲେ। ଦେଶ ବିଦେଶରେ ଗାନ୍ଧିଜୀଙ୍କ ଉନ୍ମୋଚିତ ଡାକଟିକଟ, ମୁଦ୍ରା, ସାବରମତି ଆଶ୍ରମର ଅରଟ, ବିଭିନ୍ନ ପତ୍ରିକା, ବିଭିନ୍ନ ଭାଷାରେ ତାଙ୍କର ସ୍ୱାକ୍ଷର, ସେ ନେହେରୁଙ୍କୁ ଲେଖିଥିବା ପତ୍ର, ଗାନ୍ଧୀଙ୍କ ରଚନାବଳୀ, ତଥ୍ୟାବଳୀ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟାବଳୀକୁ ଦେଖି ସଂଗ୍ରହାଳୟର ମୁଖ୍ୟ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କୁ ପ୍ରଂଶସା କରିଥିଲେ। ଶିକ୍ଷାବିତ୍ ଡ.ବୃନ୍ଦାବନ ପଣ୍ଡା ଉପସ୍ଥିତ ଥିଲେ। ଏହି ଗସ୍ତ ବେଳେ ତିବ୍ବତ ସୀମା ସୁରକ୍ଷା ବଳର ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ଫିଶିଂ କ୍ୟାଟ୍ ସୁରକ୍ଷା ଲାଗି ଶୋଭାଯାତ୍ରା

ବ୍ରହ୍ମଗିରି,୨।୧୦(ଡି.ଏନ୍.ଏ.)

ଫିଶିଂ କ୍ୟାଟ ଏକ ସିଡ୍ୟୁଲ ୱାନ ପ୍ରଜାତିର ପ୍ରାଣୀ। ଏହା ଚିଲିକାର ନଳବଣ ଅଞ୍ଚଳରେ ବିଶେଷ କରି ଦେଖାଯାଆନ୍ତି। ଏମାନଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଏହାର ସୁରକ୍ଷା ପାଇଁ ପୂର୍ବ ଚିଲିକା ସୁରକ୍ଷା ସମିତି ହରି ଦାସ ପକ୍ଷରୁ ବ୍ରହ୍ମଗିରି ଅଞ୍ଚଳରେ ଶନିବାର ଏକ ସାଇକେଲ ଶୋଭାଯାତ୍ରାରେ ଶତାଧିକ ଯୁବକ ସାମିଲ ହୋଇ ସଚେତନତା କରିଥିଲେ। ଏହି ଫିସିଙ୍ଗ କ୍ୟାଟ ସ୍ଥାନୀୟ ଲୋକଙ୍କ ଆକ୍ରମଣ ଶିକାର ହୋଇ ଏମାନଙ୍କ ସଂଖ୍ୟା ହ୍ରାସ ପଡଛି। ଏସିଆ ମହାଦେଶରେ ଥିବା ମୋଟ ଫିଶିଂ କ୍ୟାଟ ମଧ୍ୟରୁ ଚିଲିକାରେ ଏମାନଙ୍କ ସଂଖ୍ୟା ଅଧିକ। ଏନେଇ ଫିସିଙ୍ଗ କ୍ୟାଟ ପ୍ରୋଟେକ୍‌ଶନ ଓ ସିଡିଏ ମିଳିତ ଉଦ୍ୟମରେ ଚିଲିକା କୁଳିଆ ଗାଁକୁ ନେଇ ୩ଟି ଜୋନ ଗଠନ କରି ଏହାର ସୁରକ୍ଷା ସହିତ ଜନସଚେତନତା କରାଯାଇଛି। କାର୍ଯ୍ୟକ୍ରମରେ ଶୁଭନାରାୟଣ ଶତପଥୀ, ଭଗବାନ ନାୟକ, ରାଧାକାନ୍ତ ସାହୁ, ଦିଗାମ୍ବର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ‘ଗାନ୍ଧିଜୀ ଦେଶ ବିଭାଜନ ଚାହୁଁ ନ ଥିଲେ’


ସମାରୋହରେ ଜିଲାପାଳ ସନତ୍ ମହାନ୍ତି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୨।୧୦

**ଜିଲାସ୍ତରୀୟ ଗାନ୍ଧୀଜୟନ୍ତୀ ସମାରୋହ**

ଦେଶ ବିଦେଶରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସମ୍ମାନ ରହିଛି। ଗାନ୍ଧିଜୀ ଓଡ଼ିଶା ଆସିବାର ଶହେ ବର୍ଷ ପୂର୍ତ୍ତି ହୋଇଛି। ଗାନ୍ଧୀଙ୍କ ଆଦର୍ଶରେ ସାରା ବିଶ୍ୱ ପ୍ରଭାବିତ ହୋଇଛି। ଦକ୍ଷିଣ ଆଫ୍ରିକାରୁ ଆସିବା ପରେ ଗୋଖଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତ ଦୁର୍ଦ୍ଦଶାକୁ ଅନୁଭବ କରିଥିଲେ। ୧୯୨୦ ରେ ଅସହଯୋଗ, ୧୯୩୦ ଆଇନ ଅମାନ୍ୟ, ୧୯୪୨ ଅଗଷ୍ଟ ବିପ୍ଳବ କେବଳ ଆନ୍ଦୋଳନ ନ ଥିଲା ବରଂ ଜାତୀୟତା ଭାବ ରହିଛି। ଗାନ୍ଧୀଙ୍କ ଲକ୍ଷ୍ୟ ଥିଲା ଅଖଣ୍ଡ ଭାରତ। ଦେଶ ବିଭାଜିତ ହେଉ, ଗାନ୍ଧୀ କେବେ ଚିନ୍ତା କରି ନ ଥିଲେ। ଶେଷ ସମୟରେ ସେ ଜାଣି ସାରିଥିଲେ ସ୍ୱାଧୀନ ଭାରତରେ ମୋର ଆଉ ଆବଶ୍ୟକତା ନାହିଁ, ମୁଁ ଅଦରକାରୀ। ସେ କହିଥିଲେ, ମୁଁ ଚାହୁଁଛି ପୂର୍ଣ୍ଣାଙ୍ଗ ସ୍ୱାଧୀନତା। ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ସତ୍ୟର ଅନୁସନ୍ଧାନ, ଅହିଂସାର ସନ୍ଧାନ। ଶାନ୍ତି ପାଇଁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଉଛି। କିନ୍ତୁ ଦୁର୍ଭାଗ୍ୟ ଗାନ୍ଧୀଙ୍କୁ ତାହା ଦିଆଗଲା ନାହିଁ। ସେ ଶାନ୍ତିର ପୂଜାରୀ, ଶାନ୍ତିର ଦୂତ। ସ୍ୱାଧୀନ ଭାରତରେ ଗାନ୍ଧୀଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ। ଗାନ୍ଧିଜୀ କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଆସିଥିଲେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭାଷା ସାହିତ୍ୟ ସଂସ୍କୃତି ଜିଲାର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ ଆୟୋଜିତ ଜିଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ନାରାୟଣ ରାଓ ଏହା କହିଛନ୍ତି। ଜିଲାପାଳ ସନତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସତ୍ୟ ପଥରେ ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ନିଜ ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ କହିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସନାତନ ମିଶ୍ର ଗୀତାପାଠ, ମୌଲବୀ କଲିମୁଦ୍ଦିନ ସାହା କୋରାନ ପାଠ ଏବଂ ସିମ୍ପିୟ କୁମାର ଦାସ ବାଇବେଲ ପାଠ କରିଥିଲେ। ଜିଲାର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ମିଳୁନି ଆବାସ, ଭଙ୍ଗାଘର ଭରସା

- ଭିକ୍ଷା କରି ଚଳୁଛନ୍ତି ତାରାମଣି
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ବେଗୁନିଆ,୨।୧୦(ଡି.ଏନ୍.ଏ.)

ଅସହାୟ ଓ ଗରିବଙ୍କୁ ପକ୍କା ଘର ଯୋଗାଇଦେବା ଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ଏବଂ ଲୋକ ପ୍ରତିନିଧିଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଆବାସ ଯୋଜନା ଏମାନଙ୍କ ଲାଗି ସାତସପନ ପାଲଟିଛି। ଏପରି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଡ଼ମାଣତୀର ଗ୍ରାମରେ ରହୁଥିବା ତାରାମଣି ହୋତା(୬୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, କେନ୍ଦ୍ରାପଡ଼ା ଜିଲାର ତାରାମଣି ଓ ତାଙ୍କ ସ୍ୱାମୀ କାର୍ତ୍ତିକେଶ୍ୱରଙ୍କ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଦୟନୀୟ ଅବସ୍ଥାରେ ବସବାସ କରୁଥିଲେ।


ତାରାମଣି ହୋତା

ମା'ରାମଚଣ୍ଡୀଙ୍କ ସାନ୍ନିଧ ଲାଭ ପାଇଁ ୧୯୯୧ରେ ତାରାମଣି ଓ ତାଙ୍କ ସ୍ୱାମୀ ବେଗୁନିଆର ଗଡ଼ମାଣତୀରକୁ ଆସିଥିଲେ। ମା'ଙ୍କ ସେବା କରିବା ସହ ପୀଠରେ ଜୀବନ ବିତାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହିଦିନଠାରୁ ଉଭୟ ଗ୍ରାମକୁ ଆଉ ଫେରି ନ ଥିଲେ। ପୀଠ ନିକଟ ନୂଆସାହିରେ ଏକ କୁଡ଼ିଆ ଘର କରି ରହୁଥିଲେ। ପରବର୍ତ୍ତୀ ସମୟରେ ସେମାନେ ଗଡମାଣତୀର ବାସିନ୍ଦା ଭାବେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରାଇ ୧୯୯୨ରେ ପଞ୍ଚାୟତ ଭୋଟ ଦେଇଥିଲେ। କିଛିଦିନ ପରେ କାର୍ତ୍ତିକେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଏବେ ତାରାମଣି ଏବଂ ତାଙ୍କ ୧୬ବର୍ଷର ପୁଅ ବିକ୍ରମ ସେହି ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ଏପଟେ ବିକ୍ରମଙ୍କ ଆଖିକୁ ଠିକ୍ ସେ ଦେଖାଯାଉ ନାହିଁ। ୨୦୦୫ରୁ ରାମଚଣ୍ଡୀଙ୍କ ପୀଠରେ ତାରାମଣି ଭିକ୍ଷା ମାଗି ପରିବାର ଚଳାଉଛନ୍ତି। ଦୁଇ ଓଳି ଖାଇବାକୁ ସଂଘର୍ଷ କରୁଥିବା ବେଳେ ଘର ସଜାଡ଼ିବାକୁ ସମ୍ବଳ ନ ଥିବା କହିଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନଠାରୁ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନାହିଁ। ଆବାସ ଯୋଜନା ସେମାନଙ୍କ ପାଇଁ ସାତସପନ ପାଲଟିଛି ବୋଲି ତାରାମଣି କହିଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, ତାରାମଣି ରହୁଥିବା ସ୍ଥାନର ରେକର୍ଡପତ୍ର ଠିକ୍ ନ ଥିବାରୁ ତାଙ୍କୁ ଆବାସ ଯୋଜନାରେ ସାମିଲ୍ କରାଯାଇପାରୁ ନାହିଁ।

## ମହିଳାଙ୍କ ମୃତ୍ୟୁ ଘଟଣା: ସ୍ୱାମୀ, ଦିଅର ଜେଲ ଗଲେ

ନିମାପଡ଼ା,(ଡି.ଏନ୍.ଏ.)- ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ବେଲପଡ଼ା ଗ୍ରାମରେ ମମତା ସାହୁଙ୍କ ଗୁରୁବାର ରାତିରେ ମୃତ୍ୟୁ ହୋଇଥିଲା। ଏ ନେଇ ମହିଳାଙ୍କ ବାପଘର ଲୋକେ ଯୌତୁକ ପାଇଁ ଝିଅକୁ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ମହିଳାଙ୍କ ସ୍ୱାମୀ ସୁକାନ୍ତ ସାହୁ, ଦିଅର ପ୍ରଶାନ୍ତ ସାହୁଙ୍କୁ ଶୁକ୍ରବାର ଗିରଫ କରି ଶନିବାର କୋର୍ଟକୁ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତଦ୍ୱୟଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇ ଦେଇଛନ୍ତି। ଅନ୍ୟପଟେ ଅଭିଯୋଗ ପରେ ଶାଶୁ, ୨ ନଣନ୍ଦ, ଜଣେ ନଣଦେଇ ଫେରାର ହୋଇଯାଇଛନ୍ତି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୩୪୪/୨୧) ରୁଜୁ କରିଛି। ତେବେ ମୃତ ମହିଳାଙ୍କର ୬ବର୍ଷର ଶିଶୁ କନ୍ୟା ଓ ୫ବର୍ଷର ଶିଶୁପୁତ୍ର ଅଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୦।୨୦୨୧

| | |
|---|---|
| ୮,୫୫,୮୪୧ ଟଙ୍କା | |
| ସୁନା | ୧୦.୧୦୦ ଗ୍ରାମ |
| ରୁପା | ୩୩୭ ଗ୍ରାମ |

# ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଗୁରୁତର ସମସ୍ୟା

ପୁରୀ ଅଫିସ,୨।୧୦

ବେଳାଭୂମିରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଗୁରୁତର ସମସ୍ୟା। ଏହା ସାମୁଦ୍ରିକ ଜଳ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରିଥାଏ। ଏବେଠାରୁ ଏହା ଉପରେ ଚିନ୍ତା କରିବାର ସମୟ ଆସିଛି। ଗାନ୍ଧୀ ଜୟନ୍ତୀ ଅବସରରେ ବେଳାଭୂମିରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ (ଏସ୍‌ସିଏସ୍) ମହାବିଦ୍ୟାଳୟ ଏବଂ ଚେନ୍ନାଇସ୍ଥିତ ଜାତୀୟ ସାଗର ତଟ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ ଅବସରରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। କଲେଜ ଅଧ୍ୟକ୍ଷା ଡ. ସୁଜାତା ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଉକ୍ତ କଲେଜର ଏନ୍‌ସିସି, ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ସହିତ କଲେଜର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଂଗଠନ, ଜନତା, ସ୍ଥାନୀୟ ବ୍ୟବସାୟୀ ଓ ପର୍ଯ୍ୟଟକ ଭାଗ ନେଇଥିଲେ। ଏଥିସହ



ଏସ୍‌ସିଏସ୍ କଲେଜର ଛାତ୍ରୀଛାତ୍ରମାନେ ପୁରୀ ବେଳାଭୂମି ସଫେଇ କରୁଛନ୍ତି।

ବେଳାଭୂମିର ସ୍ୱଚ୍ଛତା ସୁରକ୍ଷା ପାଇଁ ଏକ ପଦଯାତ୍ରା କରାଯାଇ ସଚେତନତା କରାଯାଇଥିଲା। ଭାରତ ସରକାରଙ୍କ ଭୂବିଜ୍ଞାନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିହିର ପଣ୍ଡା, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଦେବୀ ପ୍ରସାଦ ମହାପାତ୍ର, ପୁରୀ ମ୍ୟୁନିସିପାଲିଟି ପ୍ରବର୍ତ୍ତନ ଅଧିକାରୀ ବୃନ୍ଦାବନ ପତି ଓ

### ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ

ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଡ. ପ୍ରଭାକର ମିଶ୍ରଙ୍କ ପ୍ରଚେଷ୍ଟାରେ ବେଳାଭୂମି ସଫେଇ ହୋଇଥିବାବେଳେ କଲେଜର ଏନ୍‌ସିସି ଅଧିକାରୀ ଲ୍ୟୁଟନାଣ୍ଟ ଡ. ସଞ୍ଜୟ ସୁନ୍ଦରାୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଫେଇ ବେଳେ ବେଳାଭୂମିର ୧,୦୨,୦୦୦ ବର୍ଗ ମିଟର ଅଞ୍ଚଳରୁ ୩୧ କିସମର ୩୯.୬ କେଜି ବର୍ଜ୍ୟବସ୍ତୁ ସଂଗୃହୀତ ହୋଇଥିଲା। ଶେଷରେ ସଂଗୃହୀତ ବର୍ଜ୍ୟବସ୍ତୁ ପୁରୀ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରାଯାଇଥିଲା। ଚକ୍ରତୀର୍ଥ ବେଳାଭୂମି ବ୍ୟବସାୟୀ ମହସଂଘ ପକ୍ଷରୁ ବେଳାଭୂମି ସଫେଇ ଅଭିଯାନ କରାଯାଇଛି।

## ଫିଶିଂ କ୍ୟାଟ୍ ସୁରକ୍ଷା ପାଇଁ ସାଇକେଲ ରାଲି

ବ୍ରହ୍ମଗିରି,୨।୧୦(ଡି.ଏନ୍.ଏ.)

ଫିଶିଂ କ୍ୟାଟ ଏକ ସିଡ୍ୟୁଲ ୱାନ ପ୍ରଜାତିର ପ୍ରାଣୀ। ଏହା ଚିଲିକାର ନଳବଣ ଅଞ୍ଚଳରେ ବିଶେଷ କରି ଦେଖାଯାଆନ୍ତି। ଏମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ଏହାର ସୁରକ୍ଷା ପାଇଁ ପୂର୍ବ ଚିଲିକା ସୁରକ୍ଷା ସମିତି ହରି ଦାସ ପକ୍ଷରୁ ବ୍ରହ୍ମଗିରି ଅଞ୍ଚଳରେ ଶନିବାର ଏକ ସାଇକେଲ ଶୋଭାଯାତ୍ରାରେ ଶତାଧିକ ଯୁବକ ସାମିଲ ହୋଇ ସଚେତନତା କରିଥିଲେ। ଏହି ଫିଶିଂ କ୍ୟାଟ ସ୍ଥାନୀୟ ଲୋକଙ୍କ ଆକ୍ରମଣ ଶିକାର ହୋଇ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି। ଏକ ସର୍ଭେରୁ ଜଣାପଡିଛି, ଏସିଆ ମହାଦେଶରେ ଥିବା ମୋଟ ଫିଶିଂ କ୍ୟାଟ ମଧ୍ୟରୁ ଚିଲିକାରେ ଏମାନଙ୍କ ସଂଖ୍ୟା ଅଧିକ। ଏ ନେଇ ଫିଶିଂ କ୍ୟାଟ ପ୍ରୋଟେକଶନ ଓ ସିଡିଏ ମିଳିତ ଉଦ୍ୟମରେ ଚିଲିକାକୂଳିଆ ଗ୍ରାମକୁ ନେଇ ୩ଟି ଜୋନ ଗଠନ କରି ଏହାର ସୁରକ୍ଷା ସହିତ ଜନସଚେତନତା କରାଯାଇଛି। ଏହି ଶୋଭାଯାତ୍ରାରେ ୧୫୦ ସାଇକେଲ ଆରୋହୀ ଯୋଗଦେଇ ୧୦ ଗ୍ରାମ ପରିକ୍ରମା କରି ଜନ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଶୁଭନାରାୟଣ ଶତପଥୀ, ଭଗବାନ ନାୟକ, ରାଧାକାନ୍ତ ସାହୁ, ଦିଗାମ୍ବର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ବନ୍ଧୁକ ଜବତ, ଫେରାର ଅଭିଯୁକ୍ତ ଗିରଫ

କାକଟପୁର,୨।୧୦(ଡି.ଏନ୍.ଏ.)

କାକଟପୁର ଥାନା ଅନ୍ତର୍ଗତ ଭଣ୍ଡିସାହିରେ ପୋଲିସ ଉପରେ ଆକ୍ରମଣ କରିବା ଓ ବନ୍ଧୁକ ଛଡାଇ ନେଇ ବର୍ଷେ ହେବ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ନରେଶ ସ୍ୱାଇଁ। ପୋଲିସ ତାଙ୍କଠାରୁ ଏକ ବନ୍ଧୁକ ଓ ମାଗାଜିନ ଜବତ କରିଛି। ସୂଚନାଯୋଗ୍ୟ, ୨୦୨୦ ଜୁଲାଇ ୨୪ ତାରିଖ ରାତିରେ କାକଟପୁର ଭଣ୍ଡିସାହିରେ ଏକ ଜୁଆଆଡ୍ଡା ଚାଲିଥିବା ନେଇ ଖବରପାଇ ପୋଲିସ ଚଢ଼ାଉ କରିଥିଲେ। ଘଟଣାସ୍ଥଳରେ ନରେଶ ପୋଲିସକୁ ଆକ୍ରମଣ କରି ବନ୍ଧୁକ ଛଡାଇ ନେଇ ଫେରାର ହୋଇଯାଇଥିଲା। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୨/୨୦)ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ପୁରୀ ପୋଲିସ ପକ୍ଷରୁ ନରେଶକୁ ପଳାତକ ଘୋଷଣା କରାଯିବା ସହ ତାକୁ ଧରିବାରେ ସହଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ପରେ ନରେଶ ଉଚ୍ଚ ନ୍ୟାୟାଳୟରୁ ଅନ୍ତରୀଣ ଜାମିନରେ ଆସିଥିଲା। ତେବେ ଶୁକ୍ରବାର ଭଣ୍ଡିସାହି ଅଞ୍ଚଳରେ ଜଣେ ଖାଉଟି ବଣ୍ଟନକାରୀ ଡିଲର ଭବାନୀ ପ୍ରସାଦ ସ୍ୱାଇଁଙ୍କୁ ନରେଶ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ.୨୩୪/୨୧ରେ ମାମଲା ରୁଜୁ କରି ତଦନ୍ତ କରିବାରୁ ନରେଶ ସେହି ଅଞ୍ଚଳରେ ଥିବା ଖବରପାଇ ଚଢ଼ାଉ କରି ଧରିଥିଲା।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

ପୁରୀ ଅଫିସ,୨।୧୦- ପୁରୀ ରେଲୱେ ପୋଲିସ ହୁଲୁହୁଲିଆ ପୋଲ ନିକଟ ରେଳଧାରଣା ପାର୍ଶ୍ୱରୁ ଶନିବାର ଏକ ମୃତଦେହ ଜବତ କରିଛି। ମୃତକ ହେଲେ ପୁରୀର ସିଦ୍ଧମହାବୀର କୁମୁଟି ପାଟଣା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ। ସେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିବା ପୋଲିସ ସୂଚନା ପାଇଛି। ଖବର ଅନୁଯାୟୀ, ରାତି ପ୍ରାୟ ସାଢେ ୧୦ଟାରେ ହୁଲୁହୁଲିଆ ପୋଲ ନିକଟ ରେଳ ଧାରଣାରେ ଲୋକେ ରାସ୍ତା ପାର ହେଉଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ତାଙ୍କର ଡାହାଣ ହାତରେ ଗଭୀର କ୍ଷତ ହୋଇଛି। ଖବରପାଇ ଘଟଣାସ୍ଥଳରେ ସିଟି ଡିଏସ୍‌ପି ଓ କୁମ୍ଭାରପଡ଼ା ଥାନା ଆଇଆଇସି ପହଞ୍ଚି ପ୍ରାରମ୍ଭିକ ତଦନ୍ତ କରୁଛନ୍ତି।

### ୨ ବଖରା ଜଳିଗଲା, ୨ ଗାଈ ମୃତ

ସାକ୍ଷୀଗୋପାଳ,୨।୧୦(ସ୍ୱ.ପ୍ର./ ଡି.ଏନ୍.ଏ.)- ସତ୍ୟବାଦୀ ବ୍ଲକ ପରଜାପଡ଼ା ପଞ୍ଚାୟତର କଳାପାହାଡ଼ ଗ୍ରାମରେ ଶନିବାର ସନ୍ଧ୍ୟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ତ୍ରିନାଥ ମହାରଣା ଓ ବିଶ୍ୱନାଥ ମହାରଣାଙ୍କ ୨ ବଖରା ପୋଡିଯାଇଛି। ଏପରିକି ଅଗ୍ନିକାଣ୍ଡରେ ୨ଟି ଗାଈ ସମ୍ପୂର୍ଣ୍ଣ ପୋଡି ଯାଇଛନ୍ତି। ଏଥି ସହିତ ନଡ଼ିଆ, ଧାନ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ସାକ୍ଷୀଗୋପାଳ ଅଗ୍ନିଶମ ଦମକଳବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ।

### ଭାଷା, ଗଣିତ ପ୍ରଶିକ୍ଷଣ

କଣାସ,୨।୧୦(ସ୍ୱ.ପ୍ର.) କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଡା ପଞ୍ଚାୟତର ହଟିକେଶ୍ୱର ଉ.ପ୍ରା ବିଦ୍ୟାଳୟ ପରିସରରେ ଭାଷା ଓ ଗଣିତର ମୌଳିକଣ୍ ଦକ୍ଷତା ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ମଣ୍ଡଳ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷଣ ଶିବରକୁ ଉଦ୍‌ଘାଟନ କରିଥିଲେ। ହଟିକେଶ୍ୱର ସାଧନା କେନ୍ଦ୍ର ଓ ଜାଗୁଲେଇପଦର ସାଧନା କେନ୍ଦ୍ରର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ସିଆର୍‌ସିସି ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ରାମଚନ୍ଦ୍ର ସାହୁ ପ୍ରଶିକ୍ଷଣ ଦେଇଥିଲେ।

### ସଭାରେ ଏସ୍‌ଏଚ୍‌ଜି ସଭ୍ୟାଙ୍କୁ ଆକ୍ରମଣ, ଯୁବକ ଗିରଫ

ନିମାପଡ଼ା,୨।୧୦(ଡି.ଏନ୍.ଏ.)- ନିମାପଡ଼ା ଥାନା କୁଆଁସ ଗ୍ରାମର ଏକ ସ୍କୁଲ ନିକଟରେ ଗ୍ରାମର ମହିଳା ସ୍ୱୟଂ ସହାୟକ(ଏସ୍‌ଏଚ୍‌ଜି) ଗ୍ରୁପର ଏକ ବୈଠକ ଚାଲିଥିବାବେଳେ ଜଣେ ସଦସ୍ୟାଙ୍କୁ ମାଡ଼ ମାରିବା ସହ ଧମକ ଦେବା ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କୁଆଁସ ଗ୍ରାମର ମଣ୍ଟୁ ସେଠୀ। ଏ ନେଇ ପୋଲିସ ଏକ ମାମଲା(ନଂ.୩୪୫/୨୧) ରୁଜୁ କରିଛି। ସୂଚନାଯୋଗ୍ୟ, ମା' ସୁଭଦ୍ରା ଏସ୍‌ଏଚ୍‌ଜିର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋଷ୍ଠୀର ସଦସ୍ୟମାନଙ୍କଠାରୁ ଋଣ ଆଦାୟ ସମ୍ପର୍କରେ ଆଲୋଚନା ହେଉଥିଲା। ମଣ୍ଟୁ ସଭାରେ ପଶି ଜଣେ ସଦସ୍ୟାଙ୍କୁ ଗାଳିଗୁଲଜ କରିଥିଲେ। ସଦସ୍ୟା ପ୍ରତିବାଦ କରିବାରୁ ମଣ୍ଟୁ ତାଙ୍କୁ ମାଡ଼ ମାରି ଧମକ ଦେଇଥିଲେ। ସଦସ୍ୟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶନିବାର ମଣ୍ଟୁଙ୍କୁ ଗିରଫ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ପୁରୀ ଆଗମନର ୧୦୦ବର୍ଷ ପୂର୍ତ୍ତି ଅବସରରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ସ୍ୱଦେଶୀ ସପ୍ତାହ କାର୍ଯ୍ୟକ୍ରମର ଉଦ୍‌ଯାପନ କରାଯାଉଛି।

## ମାଗଣା ଆଇନ ସଚେତନତା ଶୋଭାଯାତ୍ରା

କୋଣାର୍କ,୨।୧୦(ଡି.ଏନ୍.ଏ.)

କୋଣାର୍କ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ମାଗଣା ଆଇନ ସଚେତନତା ଶିବିର ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପ୍ରଥମ ଶ୍ରେଣୀୟ ଅଦାଲତର ବିଚାରପତି ଇପ୍‌ସି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା କୋଣାର୍କ ଅଦାଲତ ପରିସରରୁ ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। ଶିବିରରେ କୋଣାର୍କ ଅଦାଲତ ଦ୍ୱାରା ତୃତୀୟ ଲିଙ୍ଗକୁ ସମ୍ମାନ, ବାର୍ଷିକଆୟ ୩ ଲକ୍ଷରୁ କମ୍ ଥିବା ଲୋକ ଓ ମହିଳା, ଶିଶୁ, ଏଚ୍‌ଆଇଭି ଆକ୍ରାନ୍ତ ବ୍ୟକ୍ତିଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦିଆଯିବ। ଏଥିରେ ଆଇନଜୀବୀ ବିଜୟ ମହାନ୍ତି, ଶ୍ରୀଜୟ ବରାଳ, ଭଗବାନ ମହାପାତ୍ର, ସତ୍ୟଭାମା ରଥ, ଦେବରାଜ ଦାଶ ଓ ପ୍ରୀତିଶ ମିଶ୍ର ସାମିଲ ଥିଲେ।

## ସତ୍ୟବାଦୀରେ ଲୋକକଳା ମହୋତ୍ସବ

ସାକ୍ଷୀଗୋପାଳ,୨।୧୦(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡିରେ ଶନିବାର ୩ୟ ବାର୍ଷିକ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାସ, ସରପଞ୍ଚ ଚଞ୍ଚଳା ପାଣି, ନାଏବ ସରପଞ୍ଚ ଜ୍ୟୋତି ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଶ୍ରୀ ଶ୍ରୀଲକ୍ଷ୍ମୀ ବେହେରା, ବ୍ଲକ ପ୍ରୋଗ୍ରାମ ସଂଯୋଜକ ରାଜଶ୍ରୀ ମହାନ୍ତି, ସଂକୀର୍ତ୍ତନ ଗୁରୁ ଶୁଭସୁନ୍ଦର ଘଡୁଆରୀ ଓ ସମିତି ସଭ୍ୟ ପ୍ରଶାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ କଳା ସାଂସ୍କୃତିକ ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ସଭାପତି କରିବା ସହ ବିବରଣୀ ପାଠ କରିଥିଲେ। ଉତ୍ସବରେ ଓଡ଼ିଶୀ ନୃତ୍ୟ, ମୃଦଙ୍ଗ ବାଦ୍ୟ ନୃତ୍ୟ ସହିତ ଓଡ଼ିଶୀ କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଜ୍ୟ ଲୋକକଳା ସଂଘ, ଭଷା, ସାହିତ୍ୟ, ସଂସ୍କୃତି ବିଭାଗ, ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଉତ୍ସବରେ ବିଭିନ୍ନ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଲିଥିନ ବନ୍ଦ ସଚେତନତା ସଭା

ପିପିଲି,୨।୧୦(ସ୍ୱ.ପ୍ର.)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନେହେରୁ ଯୁବକେନ୍ଦ୍ର ଓ ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ମିଳିତ ଆନୁକୂଲ୍ୟରେ ନିକଟସ୍ଥ ପିପିଲି ବ୍ଲକର ହରିପୁର ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ଲାଷ୍ଟିକ ଓ ପଲଥିନ ମୁକ୍ତ ଭାରତ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ସହିତ ବାଲ୍ୟ ବିବାହ ବନ୍ଦ ଉଦ୍ଦେଶ୍ୟରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଛି। ଜାଗୃତି ସଂଗଠନ ସଭାପତି ପ୍ରଭାତ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଭାରତ ସରକାରଙ୍କ ରାଜ୍ୟ ନିର୍ଦ୍ଦେଶିକା ରୀତା ଭାର୍ଗବ ଯୋଗଦେଇ ଗାନ୍ଧିଜୀଙ୍କ ଏହି ଅଭିଯାନ ସ୍ୱପ୍ନକୁ ସାକାର କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ପୁରୀ ଜିଲା ସଂଯୋଜକ ଜୟଶଙ୍କର ଯୋଶୀ, ଜାଗୃତି ସଂଗଠନର ଉପଦେଷ୍ଟା ଅବସରପ୍ରାପ୍ତ ଯନ୍ତ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ରଫୁଲ୍ଲ ସାହୁ, ବାଲୁଙ୍କେଶ୍ୱର ବେହେରା, ରବୀନ୍ଦ୍ର ପ୍ରଧାନ, ଜ୍ଞାନାଲୋକ ପାଠାଗାର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ଅନନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସଂଗଠନର ସମ୍ପଦ ମହାପାତ୍ର, ବାପୁ ବେହେରା, ସୁଶୀଲ ମିଶ୍ର, ଦିଲୀପ ପରିଡା, ସରସ୍ୱତୀ ଘଡେଇ, ମନୋରମା ସାହୁ, ଜ୍ଞାନରଞ୍ଜନ ପ୍ରଧାନ ପ୍ରମୁଖ ସଦସ୍ୟ 'ଝିଅ ହେବ ଜଗତ ଜିତା' ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ।


ପିପିଲିର ହରିପୁର ଗ୍ରାମରେ ବାଲ୍ୟବିବାହ ବନ୍ଦ ନେଇ ନାଟକର ଏକ ଦୃଶ୍ୟ।

## ଜନ୍ମରୁ ୧୬ ବର୍ଷ ପିଲାଙ୍କୁ ସ୍ୱର୍ଣ୍ଣ ପ୍ରାସନ୍ନ ପ୍ରଦାନ

ପୁରୀ ଅଫିସ,୨।୧୦

ସ୍ଥାନୀୟ ଭିଆଇପି ରୋଡ୍‌ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପକ୍ଷରୁ ଶନିବାର ସ୍ୱର୍ଣ୍ଣ ପ୍ରାସନ୍ନ (ଏକ ଆୟୁର୍ବେଦିକ ଡ୍ରପ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜନ୍ମରୁ ୧୬ ବର୍ଷ ପିଲାଙ୍କୁ ସ୍ୱର୍ଣ୍ଣ ପ୍ରାସନ୍ନ ପ୍ରଦାନ କରାଯାଇଥିଲା। ପୁଷ୍ପା ନକ୍ଷତ୍ରଯୁକ୍ତ ଇନ୍ଦିରା ଏକାଦଶୀରେ ଏହି ସ୍ୱର୍ଣ୍ଣ ପ୍ରାସନ୍ନ ପିଲାଙ୍କୁ ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଏହି ସ୍ୱର୍ଣ୍ଣପ୍ରାସନ୍ନ ଦିଆଯାଇଛି। ବିଜୟଲକ୍ଷ୍ମୀ ପଟ୍ଟନାୟକ, ସଙ୍ଗୀତା ପୃଷ୍ଟି, ଦୀପ୍ତିରେଖା ଦାଶ ଏବଂ ସୌଭାଗ୍ୟ ରଞ୍ଜନ ପରିଜା ପରିଚାଳନା କରିଥିଲେ।

## ଭାରୋତ୍ତୋଳନ ଲାଗି ପ୍ରତିଭା ଅନ୍ୱେଷଣ ଶିବିର

ପୁରୀ ଅଫିସ,୨।୧୦

ଭାରୋତ୍ତୋଳନ ଲାଗି ପ୍ରତିଭା ଅନ୍ୱେଷଣ ନିମନ୍ତେ ୨ଦିନିଆ ଶିବିର ଶନିବାର ସମୁଦ୍ରକୂଳ ନିକଟସ୍ଥ ଓଡ଼ିଶା ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦରେ ଅନୁଷ୍ଠିତ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଏହି ପ୍ରତିଭା ଅନ୍ୱେଷଣ ଶିବିର ଆୟୋଜନ କରାଯାଇଛି। ଜାଗା ଆଖଡ଼ାରେ ମଲ୍ଲ ଓ କୁସ୍ତି ପ୍ରଶିକ୍ଷଣ କ୍ଷେତ୍ରରେ ପୁରୀର ସ୍ୱତନ୍ତ୍ର ପରିଚୟ ରହିଛି। ପୁରୀ ଜିଲାର ୧୩ରୁ ୧୮ବର୍ଷ ବୟସ ମଧ୍ୟରେ ଉଭୟ ପୁଅ ଓ ଝିଅମାନେ ଭାଗ ନେଉଛନ୍ତି। ଉକ୍ତ ଶିବିରରୁ ମନୋନୀତ ହେଲେ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଭାରୋତ୍ତୋଳନର ହାଇପରଫରମାନ୍ସ ସେଣ୍ଟରରେ ତାଲିମ ଦିଆଯିବ। ଏଥିରେ ଉଭୟ ବର୍ଗର ୭୮ଜଣ ପ୍ରତିଯୋଗୀ ଭାଗ ନେଇଥଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, ପୂର୍ବତନ ଡିଏସ୍‌ଓ ତଥା ଭାରୋତ୍ତୋଳନ କୋଚ୍ ରବୀନ୍ଦ୍ର ନାଥ ସେନାପତି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜାତୀୟ ବ୍ୟାୟାମ କେନ୍ଦ୍ର ପରିଷଦର ଜିଲା ସମ୍ପାଦକ ସତ୍ୟନାରାୟଣ ମହାନ୍ତି, ଖେଳ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବେହେରା, ରାଜ୍ୟ କ୍ରୀଡ଼ା ବିଭାଗର ପରାମର୍ଶଦାତା ସେକ୍ ଅବଦୁଲ ରାବି ଏବଂ ଟେନଭିକ ସ୍ପୋର୍ଟସ୍ ଏଜୁକେଶନ୍‌ର ଉପସଭାପତି ରବି କୁମାର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡାଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ।

## ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋଚନାଚକ୍ର

ପୁରୀ ଅଫିସ,୨।୧୦

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ତଥା ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ତମ୍ଭକାର ଗୌରାଙ୍ଗଚରଣ ପରିଡ଼ା ମୁଖ୍ୟବକ୍ତା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଉତ୍ସବର ଆଭିମୁଖ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲିଙ୍ଗରାଜ କଳା ନିକେତନର ଶିଳ୍ପୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। ପରେ ବଦ୍ରି ମିଶ୍ର, ଜଗନ୍ନାଥ ବସ୍ତିଆ, ବିଜୟ ପଣ୍ଡା, ପୌର୍ଣ୍ଣମାସୀ ଦେବୀ, ଯୋଗେଶ୍ୱର ପ୍ରହରାଜ, ଚନ୍ଦ୍ରଶେଖର ମହାରଣା, ପ୍ରବାସିନୀ ମିଶ୍ର, ବିଚିତ୍ର ରଞ୍ଜନ ମହାପାତ୍ର, ଚିନ୍ମୟୀ ଗଜେନ୍ଦ୍ର, ଅଧ୍ୟାପକ ମୀନକେତନ ପାଟଯୋଶୀ ଏବଂ ଲକ୍ଷ୍ମୀ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପ୍ରିୟପତ୍ରର ସମ୍ପାଦକ ବିପିନବିହାରୀ ଦଳାଇ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ସାହିଭାଇ ସଂଗଠନ ପକ୍ଷରୁ ଗାନ୍ଧୀ ଜୟନ୍ତୀରୁ ସଂକଳ୍ପ ସପ୍ତାହ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍‌କୁ ଗାନ୍ଧୀ ଜୟନ୍ତୀରେ ଉଦ୍‌ଯାପିତ କରାଯାଇଛି।

# 'ଓଡ଼ିଶାବାସୀଙ୍କ ଭାବାବେଗର ଦଳ ବିଜେଡି'

ନିମାପଡ଼ା/କାକଟପୁର/କୋଣାର୍କ/ଗୋପ,୨।୧୦(ଡି.ଏନ୍.ଏ.)

ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନିମାପଡ଼ା ବିଜେଡି ପକ୍ଷରୁ ସ୍ଥାନୀୟ ଟାଉନ ହଲରେ ସାମାଜିକ ସେବା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ବିଜୁ ଜନତା ଦଳ ଏକ ରାଜନୈତିକ ଦଳ ନୁହେଁ, ଓଡ଼ିଶାବାସୀଙ୍କ ଭାବାବେଗର ଦଳ। ଗରିବ, ନିରୀହ ଜନତାଙ୍କ ସେବା କରିବା ବିଜେଡି ନେତା ଓ କର୍ମୀଙ୍କ ମୂଳମନ୍ତ୍ର ବୋଲି କହିଥିଲେ। ସମ୍ମାନିତ ଅତିଥି ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପ୍ରଦୀପ୍ତ ଖଟୋଇ, ରାକେଶ ବେହେରା, ସତ୍ୟଜିତ ଆଚାର୍ଯ୍ୟ, କୌଶଲ୍ୟା ସାହୁ, ପଦ୍ମଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ୧ମାସ ଧରି ପଞ୍ଚାୟତ, ଗାଁ, ଏନ୍‌ଏସିରେ ସଫେଇ, ରକ୍ତଦାନ ଶିବିର କରାଯିବ। ପରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ନିକଟ ଗାନ୍ଧୀ ପୀଠରେ ସଫେଇ କାର୍ଯ୍ୟ ହୋଇଥିଲା। କାକଟପୁର କୁଣ୍ଡେଇ ସରପଞ୍ଚ ଶୁଭ୍ରଜିତ ମଲ୍ଲଙ୍କ ସଭାପତିତ୍ୱରେ କୁଣ୍ଡେଇ ହାଟକୁ କର୍ମୀମାନେ ସଫେଇ କରିଥିଲେ। ଏଥିରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜ୍ୟୋତିର୍ମୟ ଦଳାଇ, ପ୍ରାଣନାଥ ମଲ୍ଲିକ, ରଞ୍ଜନ ନାୟକ, ଲକ୍ଷ୍ମିପ୍ରିୟା ନାୟକ ପ୍ରମୁଖ ଯୋଗଦେଇଥିଲେ। କୋଣାର୍କର ଚନ୍ଦ୍ରଭାଗାରେ ନେତା ସୁରେନ୍ଦ୍ରନାଥ ନାୟକଙ୍କ ସଭାପତିତ୍ୱରେ ଜନସମ୍ପର୍କ ଅଭିଯାନ ହୋଇଥିଲା। ଏଥିରେ ଏନ୍‌ଏସି ଅଧିକାରୀ, ଭାନୁମତୀ ରାଉତରାୟ, ପଦ୍ମଚରଣ ବେଉରା, ଶତ୍ରୁଜିତ ନାୟକ ପ୍ରମୁଖ ସାମିଲ ଥିଲେ। ଗୋପ ଅଞ୍ଚଳରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ସଫେଇ ଅଭିଯାନ କରାଯାଇଥିଲା। ଏଥିରେ ପ୍ରକାଶ ଚନ୍ଦ୍ର ପରିଡ଼ା, ସୁକାନ୍ତ ମହାନ୍ତି, ମଧୁସୂଦନ ପାଇକରାୟ, ଡ. ଜସ୍ମିନ ଆଫ୍ରୋଜ, ଡା. ସରିତା ମିଶ୍ର, ନିରଞ୍ଜନ ଶଗଡ଼ିଆ, ତ୍ରୈଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ କର୍ମୀମାନେ ନିମାପଡ଼ାର ଏକ ଅଞ୍ଚଳରେ ସଫେଇ କରୁଛନ୍ତି।

## ଫଟୋ ରେଖ ଖବର


ଶ୍ରୀଜଗନ୍ନାଥଙ୍କ ଜମିକୁ ନେଇ ହୋଇଥିବା ବିବାଦର ସମାଧାନ ପାଇଁ ଗଡ଼ମୃଗସିର ପଞ୍ଚାୟତର ଗ୍ରାମବାସୀ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଧାରଣା ଦେଇଛନ୍ତି।


ଗାନ୍ଧୀ ଜୟନ୍ତୀ ଅବସରରେ ସର୍ବଦଳୀୟ ମେଳା କମିଟି ପକ୍ଷରୁ ପୁରୀ ଗାନ୍ଧୀ ସ୍ମୃତିପୀଠରେ ଶନିବାର ରାମଧୁନ କରାଯାଉଛି।



ପୁରୀ ସହରକୁ ମଦମୁକ୍ତ କରିବା ଦାବିରେ ପୂଜ୍ୟପୂଜା ସଂସଦ ପକ୍ଷରୁ ଡେଲାଙ୍ଗରୁ ଆରମ୍ଭ ହୋଇଥିବା ଜନ ସତ୍ୟାଗ୍ରହ ପଦଯାତ୍ରା ପୁରୀରେ ପହଞ୍ଚିଛି।

## ଫସଲରେ ପୋକ ନିୟନ୍ତ୍ରଣ ପାଇଁ ତାଲିମ ଶିବିର

ବାଙ୍କୀ,(ସ୍ୱ.ପ୍ର.):ବାଙ୍କୀ ଓ ଡମପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ସୂଚନା କେନ୍ଦ୍ର ପ୍ରାଙ୍ଗଣରେ ଇ-ରୋଗ ପୋକ ସର୍ବେକ୍ଷଣ ଏବଂ ପୋକ ପରିଚାଳନାର ଦକ୍ଷତା ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କୃଷି ଜିଲା ଅଧିକାରୀ ଶୈଳେନ୍ଦ୍ର ମହାନ୍ତି ଶିବିରକୁ ଉଦ୍‌ଘାଟନ କରି ବିଭିନ୍ନ ଫସଲର ରୋଗ ପୋକ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ବାଙ୍କୀ ଓ ଡମପଡ଼ା ବ୍ଲକର ୨୦ଜଣ ସାର ଡିଲର ଓ କୃଷି କର୍ମଚାରୀ ଯୋଗଦେଇଥିଲେ। ବାଙ୍କୀ ବ୍ଲକ ସହକାରୀ କୃଷି ଅଧିକାରିଣୀ ସ୍ମୃତିଝରା ସାହୁ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ସରକାରୀ କୃଷି ଅଧିକାରିଣୀ ବି.ପି.ରୋଜାଲିନ୍, କଳାପଥର କୃଷି ଅଧିକାରିଣୀ ସ୍ୱାଗତା ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### କଳପଡ଼ା କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**କଟକ ସଦର,୨୧୦(ଡି.ଏନ.ଏ.):** କଟକ ସଦର ବ୍ଲକ ୪୨ମୌଜା ଅନ୍ତର୍ଗତ କଳପଡ଼ା କଲ୍ୟାଣ ମଣ୍ଡପ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଳପଡ଼ା ସରପଞ୍ଚ ସରୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା, ଜୀବନ ସାମନ୍ତରାୟ, ପ୍ରମୋଦ ମହାପାତ୍ର, ସମର ବେହେରା, ଦୁର୍ଗାପ୍ରସାଦ ମହାପାତ୍ର, ଗ୍ରାମ ରୋଜଗାର ସେବକ ମୋନାଲିସା ଦାଶ ଯୋଗଦେଇଥିଲେ। ସାମାଜିକ କର୍ମୀ ମନୋଜ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଟକ ସଦର,୨୧୦(ଡି.ଏନ.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲୋକନାଥ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି।



କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ୱାଧୀନତା ସଂଗ୍ରାମ ବେଳର ସ୍ମୃତିଚାରଣ କରିଥିଲେ। ସ୍ଥାନୀୟ ସରପଞ୍ଚ ମିନତି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ଝିନୁ ବେହେରା, ପ୍ରଭାକର ବେହେରା, ସମର ବେହେରା, ପ୍ରସନ୍ନ କୁମାର ମଲ୍ଲ, ସନ୍ତୋଷ ପ୍ରଧାନ ଓ ଦୈତାରୀ ବେହେରା ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବେହେରା ବ୍ଲକର ସର୍ବପ୍ରଥମ ମିଶନ ଶକ୍ତି ଗୃହର ଉଦ୍‌ଘାଟନ ମଧ କରିଥିଲେ।

### ବରିଷ୍ଠ ନାଗରିକ ଶ୍ରୀଧର ଲେଙ୍କାଙ୍କ ପରଲୋକ

**କଟକ ଅଫିସ,୨୧୦:** ବରିଷ୍ଠ ନାଗରିକ ଶ୍ରୀଧର ଲେଙ୍କା(୯୬)ଙ୍କର ଶନିବାର ଅନ୍ଧରପୁର କଲ୍ୟାଣୀନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଛି।



ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ସନାତନ, ଅଭିରାମ, ରବି ନାରାୟଣ, ଦୁଇ ଝିଅ, ନାତୁଣୀନାତି ଉପସ୍ଥିତ ଥିଲେ । ଶ୍ରୀଧରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଜେଡିର ସ୍ଥାନୀୟ ୱାର୍ଡ ସଭାପତି ରଜନୀକାନ୍ତ ପରିଜା, ଦୁଲାଦେଈ ମନ୍ଦିର ପୂଜା କମିଟି ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଶ୍ରୀଧରଙ୍କ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସନାତନ ମୁଖାଗ୍ନି ଦେଇଥିଲେ।

### 'ଆମରା କଜନ' ପକ୍ଷରୁ ଅସହାୟଙ୍କୁ ବସ୍ତ୍ର ବଣ୍ଟନ



**କଟକ ଅଫିସ୍ ,୨୧୦:** ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ସାମାଜିକ ସଂଗଠନ 'ଆମରା କଜନ' ତରଫରୁ ଚାରବାଟିଆ ମଙ୍ଗରାଜପୁରସ୍ଥିତ ଜନନୀ ଆଶ୍ରମରେ ଏକ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସଂଗଠନ ତରଫରୁ ମାନସିକ ଅନଗ୍ରସର ମହିଳାଙ୍କୁ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ରୁପା ଘୋଷ ଉପସ୍ଥିତ ରହି ଆଗାମୀ ଦିନରେ ଜନନୀ ଆଶ୍ରମ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ କାହ୍ନୁ ଗୋପାଳ ରାୟ ଚୌଧୁରୀ, କୌଶିକ ଘୋଷ, ରୁବି ରାୟ ଚୌଧୁରୀ, ନବନିତା ବାସୁ ମଲ୍ଲିକ, ଅଭିଷେକ ରାୟ, ସୌମର୍ଘ୍ୟ ଘୋଷ, ପୁଷ୍ପଙ୍କ ବାନାର୍ଜୀ, ତନ୍ମୟ ଅଖଣ୍ଡ, ଚନ୍ଦନା ବାଗ୍‌ଚୀ, କାଳନ୍ଦୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜମି ଦେଇ ପଟ୍ଟା କଥା ଭୁଲିଗଲା ସିଡିଏ

■ ଚିନ୍ତାରେ ଅଭିନବ ବିଡ଼ାନାସୀବାସୀ
■ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି

**କଟକ ଅଫିସ, ୨୧୦**

ଅଭିନବ ବିଡ଼ାନାସୀ ହେଉଛି ରାଜ୍ୟ ସରକାରଙ୍କ ଏକ ଉଚ୍ଚ ଆକାଂକ୍ଷିତ ପ୍ରକଳ୍ପ। ଯେହେତୁ ପୁରୁଣା କଟକ ଯୋଜନା ମୁତାବକ ତଥା ସୁବ୍ୟବସ୍ଥିତ ଢଙ୍ଗରେ ହୋଇନାହିଁ ଏବଂ ଏଠାରେ ନାନା ସମସ୍ୟା ରହିଛି ତେଣୁ ଅଭିନବ ବିଡ଼ାନାସୀ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଅଭିନବ ବିଡ଼ାନାସୀବାସୀଙ୍କୁ ସମସ୍ତ ଆଧୁନିକ ସୁବିଧା ସୁଯୋଗ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ କଟକ ଡେଭଲପମେଣ୍ଟ ଅଥରିଟି (ସିଡିଏ) ଅଧୀନ ଏହି ପ୍ରକଳ୍ପ ଏବେ ଦିଗହରା ହେବାକୁ ବସିଛି। କାରଣ ଏଠାକାର ବାସିନ୍ଦାଙ୍କୁ ସିଡିଏ ଜମି ଦେଇଥିବା ବେଳେ ପଟ୍ଟା ପାଇଁ କନ୍ଦାଉଛି। ଅଭିନବ ବିଡ଼ାନାସୀବାସୀ ଏପର୍ଯ୍ୟନ୍ତ ଜମିପଟ୍ଟା ନ ପାଇ ସରକାରୀ ସୁବିଧାରୁ ବଞ୍ଚିତ ହେବା ସହ ନାନା ସମସ୍ୟାରେ ଘାଣ୍ଟି ହେଉଛନ୍ତି।

ସରକାରଙ୍କଠାରୁ ସିଡିଏ ୨୦୮୦.୧୨୦ ଏକର ପରିମିତ ଜାଗା ଲିଜ୍ ସୂତ୍ରରେ ଆଣି ଭିତ୍ତିଭୂମି ବିକାଶ କରାଇ ଏଠାରେ ଜନବସତି ସ୍ଥାପନ କରାଇଥିଲା। ଏହାକୁ ୧୫ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ପରେ ୧୫ଟି ସେକ୍ଟରରେ ବିଭିନ୍ନ ଆବାସିକ, ବ୍ୟବସାୟିକ ପ୍ଲଟ, ପାର୍କ, ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ କରାଯାଇଥିଲା। ଏଠାରେ ପ୍ରାୟ ୧.୫ ଲକ୍ଷ ଲୋକ ରହିବାର ବ୍ୟବସ୍ଥା ହୋଇଛି। ଆବାସିକ ଅଞ୍ଚଳକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ୧ରୁ ୫ ନମ୍ବର ପର୍ଯ୍ୟନ୍ତ ସେକ୍ଟରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଲାଗି ବ୍ୟବସ୍ଥା କରାଯାଇଛି। ୬ରୁ ୧୩ ସେକ୍ଟର ମଧ୍ୟରେ ମାର୍କେଟ କମ୍ପ୍ଲେକ୍ସ ସମେତ ଆବାସିକ ପ୍ଲଟ ରହିଛି। ୧୬୬.୮୭୦ ଏକର ପରିମିତ ଜାଗାରେ ସେକ୍ଟର ୬ ଅବସ୍ଥିତ ଥିବାବେଳେ ୧୬୮୨ଟି ଏବଂ ୧୦୭. ୯୯୦ ଏକର ଜାଗାରେ ନିର୍ମିତ ସେକ୍ଟର ୭ରେ ୨୨୧୮ଟି ଆବାସିକ ପ୍ଲଟ ଆବଣ୍ଟନ କରାଯାଇଛି। ସେହିପରି ସେକ୍ଟର ୮ରେ ୬୪.୦୪୮ ଏକର ଜାଗାରେ ୭୦୩ଟି, ସେକ୍ଟର ୯ରେ ୧୫୮.୪୭୦ ଏକର ଜାଗାରେ ୧୬୭୦ଟି, ସେକ୍ଟର ୧୦ରେ ୧୨୧.୦୭୦ ଏକର ଜାଗାରେ ୧୭୨୨ଟି, ସେକ୍ଟର ୧୧ରେ ୯୯.୯୪୨ ଏକର ଜାଗାରେ ୧୬୩୪ଟି ଆବାସିକ ପ୍ଲଟ ରହିଛି। ସେହିପରି ୧୨ ଓ ୧୩ ସେକ୍ଟରର ବିକାଶ କରାଯାଇ ଆବାସିକ ପ୍ଲଟ ଆବଣ୍ଟନ କରାଯାଇଛି। ଏହି ସମସ୍ତ ସେକ୍ଟରରେ ଏବେ ମୋଟ ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ତେବେ ସେହି ଅନୁପାତରେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇବାରେ ସିଡିଏ ବିଫଳ ହୋଇଛି। ଏଠାକାର ବାସିନ୍ଦା ନାନା ସମସ୍ୟରେ ଘାଣ୍ଟି ହେଉଥିବାବେଳେ ଜମିମାଲିକମାନେ ନିଜ ଜମିର ପଟ୍ଟା ପାଇପାରୁନାହାନ୍ତି। ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେବା ସହ ତହସିଲ କାର୍ଯ୍ୟାଳୟରୁ ଆବାସିକ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆୟକର ପ୍ରମାଣପତ୍ର ପ୍ରଭୃତି ପାଇପାରୁ ନାହାନ୍ତି। ଏଥିଯୋଗୁ ଏଠାକାର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସିଡିଏ ସଚିବ ଅନନ୍ୟା ଦାସଙ୍କୁ ପଚାରିବାରେ କହିଛନ୍ତି, ସିଡିଏ ଅଞ୍ଚଳରେ ଯେଉଁ ସମସ୍ୟା ରହିଛି ତାହାକୁ ଦୂର କରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଜମିପଟ୍ଟା ପାଇଁ ଆମେ କିଛି କରିପାରିବୁ ନାହିଁ। ସିଡିଏ ତହସିଲ ନିକଟରୁ ଜମି ଲିଜ୍‌ରେ ଆଣି ଭିତ୍ତିଭୂମିର ବିକାଶ କରି ପ୍ଲଟ ଆକାରରେ ଲୋକଙ୍କୁ ଆବଣ୍ଟନ କରିଛି। ଅନ୍ୟପକ୍ଷରେ କଟକ ସଦର ତହସିଲଦାର ସମ୍ମିତ ଗଡନାୟକ କହିଛନ୍ତି, ସିଡିଏ ଲୋକଙ୍କଠାରୁ ଟଙ୍କା ନେଇ ଜମି ଆବଣ୍ଟନ କରିଛି। ସେମାନଙ୍କଠାରୁ ଗ୍ରାଉଣ୍ଡ ରେଣ୍ଟ ମଧ ନେଉଛି। ତେଣୁ ସିଡିଏ ଏହି ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡ କରାଇବାକୁ ପଦକ୍ଷେପ ନେବା ଦରକାର। ଯେପର୍ଯ୍ୟନ୍ତ ଏହି ଜମି ଫ୍ରି ହୋଲ୍ଡ ନ ହୋଇଛି ସେପର୍ଯ୍ୟନ୍ତ ଆମେ ପଟ୍ଟା ଦେଇପାରିବୁ ନାହିଁ। ତେବେ ତହସିଲ ପକ୍ଷରୁ ବିଭିନ୍ନ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପତ୍ର ଏବେ ଲୋକଙ୍କ ଲିଜ୍ ଡିଡ୍ ଆଧାରରେ ଦିଆଯାଉଛି ।

## ସିଡିଏ ଜାଣିଶୁଣି ଜମିକୁ ଫ୍ରି ହୋଲ୍ଡ କରୁନାହିଁ

ସିଡିଏ ଜାଣିଶୁଣି ଅଭିନବ ବିଡ଼ାନାସୀର ଜମିକୁ ଫ୍ରି ହୋଲ୍ଡ କରୁନାହିଁ। ଏବେ ସିଡିଏ ବର୍ଷକୁ ଗ୍ରାଉଣ୍ଡ ରେଣ୍ଟ ବାବଦରେ ବି ପ୍ଲଟରୁ ୪୦୦ରୁ ୫୦୦ ଟଙ୍କା, ସି ପ୍ଲଟରୁ ୨୪୦ ଟଙ୍କା, ଡି ପ୍ଲଟରୁ ୧୫୦୦ରୁ ୨୦୦୦ ଟଙ୍କା, ଇ ପ୍ଲଟରୁ ୫୦୦ ଏବଂ ଏଫ୍ ପ୍ଲଟରୁ ୬୦୦ ଟଙ୍କା ଆଦାୟ କରୁଛି। ଏହାବ୍ୟତୀତ ସିଡିଏ ସ୍ୱରେଜ ଓ ହୋଲଡିଂ ଟିକସ ଅଲଗା ଭାବେ ଆଦାୟ କରୁଛି। ଏବେ ୱାଟାର ଟ୍ୟାକ୍ସ ଅଲଗା ଭାବେ ଆଦାୟ କରିବା ପାଇଁ ସିଡିଏ ଯୋଜନା କରୁଥିବା ଶୁଣିବାକୁ ମିଳୁଛି ।

**ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ସିଡିଏ ସେକ୍ଟର-୭**

## ବିଡିଏ ପାରୁଛି, ସିଡିଏ କାହିଁକି ନୁହେଁ

ଯଦି ଭୁବନେଶ୍ୱର ଡେଭଲପମେଣ୍ଟ ଅଥରିଟି (ବିଡିଏ) ଲିଜ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡ କରିପାରୁଛି ତେବେ ସିଡିଏ କାହିଁକି କରିପାରୁନାହିଁ। କଟକ ମହାନଦୀ ବିହାର ଲିଜ ହୋଲ୍ଡ ଜମି କିପରି ଫ୍ରି ହୋଲ୍ଡ ହୋଇପାରିଲା ?

**ରମାକାନ୍ତ ସାହୁ, ସିଡିଏ ସେକ୍ଟର-୧**

## ସୁନାଚେନ୍, ୫ ମୋବାଇଲ୍ ଜବତ: ୩ ଗିରଫ

**କଟକ ଅଫିସ, ୨୧୦**

ଲୁଟ୍ ଘଟଣାରେ ମର୍କତ ନଗର ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବିଡ଼ାନାସୀ ଦମକଳ କେନ୍ଦ୍ର ପଛପାର୍ଶ୍ୱରେ ରହୁଥିବା ସନ୍ତୋଷ ନାୟକ, ଢେଙ୍କାନାଳ ଜିଲା ପରଜଙ୍ଗର ଭାଗୀରଥି ସାହୁ ଓ ନୟାଗଡ଼ ଜିଲା ଦଶପଲ୍ଲାର ଆଲୋକ ନାୟକ। ସେମାନଙ୍କଠାରୁ ୧୩ ଗ୍ରାମ୍‌ର ଏକ ସୁନାଚେନ୍, ୫ଟି ମୋବାଇଲ ଫୋନ୍, ସାଢ଼େ ୪ ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୭ ଅଞ୍ଚଳର ଜ୍ୟୋତିର୍ମୟୀ ମଲ୍ଲିକଙ୍କ ଶାଶୁ ଗତ ୨୮ ତାରିଖ ସକାଳେ ନିଜ ଘର ନିକଟରେ ଚାଲିଚାଲି ଯାଉଥିବାବେଳେ ପଛରୁ ଏକ ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇନେଇ ପଳାଇଯାଇଥିଲେ। ଏନେଇ ମର୍କତନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ତଦନ୍ତ କରି ସନ୍ତୋଷ ଓ ଭାଗୀରଥିଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରାବେଳେ ଚୋରି ଜିନିଷ ଆଲୋକଙ୍କୁ ବିକ୍ରି କରିଥିବା କହିଥିଲେ। ପରେ ପୋଲିସ ଆଲୋକଙ୍କୁ ଗିରଫ କରିଥିଲା।

# 'ପୁରାତନ ଜ୍ଞାନଭଣ୍ଡାରର ସୁରକ୍ଷା ଆବଶ୍ୟକ'



ବୈଠକରେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକଙ୍କ ସହ ଅନ୍ୟମାନେ।

■ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷିତ ହେବ ପୁସ୍ତକ, ଦଲିଲ
■ ରେଭେନ୍‌ଶା ଡେଭେଲପମେଣ୍ଟ ଟ୍ରଷ୍ଟ ଓ ଇନ୍‌ଟାକ୍‌ର ଏମ୍‌ଓୟୁ

**କଟକ ଅଫିସ, ୨୧୦**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୧୯୨୨ ମସିହାର କନିକା ପାଠାଗାରର ଉନ୍ନତୀକରଣ ଲାଗି ଶନିବାର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ବିଶ୍ୱବିଦ୍ୟାଳୟ ଡେଭେଲପମେଣ୍ଟ ଟ୍ରଷ୍ଟ ଓ ଇନ୍‌ଟାକ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ଏକ ପାଇଲଟ ପ୍ରକଳ୍ପ ମାଧ୍ୟମରେ ପୁରାତନ ପୁସ୍ତକ ଓ ଦଲିଲଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯିବ। ପାଠାଗାର ଉନ୍ନତୀକରଣ ପାଇଁ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ଏମ୍‌ପି ପାଣ୍ଠିରୁ ୧୦ଲକ୍ଷ ଟଙ୍କା ଓ ରେଭେନ୍‌ଶା ଡେଭେଲପମେଣ୍ଟ ଟ୍ରଷ୍ଟ ୫ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ପ୍ରଦାନ କରିଛି । ଏହି ଅବସରରେ ପଟ୍ଟନାୟକ କହିଛନ୍ତି, ପୁରାତନ ଜ୍ଞାନଭଣ୍ଡାରର ସୁରକ୍ଷା ନିଶ୍ଚିତ ଆବଶ୍ୟକ । ଏହି ପାଠାଗାର ଓଡ଼ିଶାର ଐତିହ୍ୟ ଓ ପରମ୍ପରା ସହ ଜଡ଼ିତ । ସେଥିଲାଗି ଏହି ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଥିଲେ। ରେଭେନ୍‌ଶା ଡେଭେଲପମେଣ୍ଟ ଟ୍ରଷ୍ଟ ଉପଦେଷ୍ଟା ଅମିୟ ଭୂଷଣ ତ୍ରିପାଠୀ ଉକ୍ତ ପାଠାଗାରର ବହୁ ପୁସ୍ତକ ନଷ୍ଟ ହୋଇଯାଉଥିବା ଜାଣିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ତାଙ୍କ ଉଦ୍ୟମରେ ଇନ୍‌ଟାକ୍ ବିଶେଷଜ୍ଞ ପାଠାଗାର ପରିଦର୍ଶନ କରି ତାହାର ଉନ୍ନତୀକରଣ, ପୁରାତନ ପୁସ୍ତକ ଓ ଦଲିଲକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯିବା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ କୁଳପତି ସଞ୍ଜୟ କୁମାର ନାୟକ, ଶିକ୍ଷାବିତ୍ ସତ୍ୟକାମ ମିଶ୍ର, ଇନ୍ଟାକ୍ ନିର୍ଦ୍ଦେଶକ ମଲିକା ମିତ୍ର, ଏ.ବି. ତ୍ରିପାଠୀ, ଅସୀମା ସାହୁ, ତ୍ରିଲୋଚନ କାନୁନ୍‌ଗୋ, ଶିବ କୁମାର ହୋତା, ଯତୀନ୍ଦ୍ର କୁମାର ନାୟକ, ପ୍ରଦୀପ୍ତ କୁମାର ମହାପାତ୍ର, ଅଶୋକ ଦାସ, ଦୀପକ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ଶାନ୍ତି,ସଦ୍‌ଭାବନା ସମ୍ବନ୍ଧିତ ସଚେତନତା ଶିବିର

**ଆଠଗଡ଼,୨୧୦(ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀ ଓ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଆଠଗଡ଼ ତାଲୁକ ଆଇନ୍ ସେବା କମିଟି ତରଫରୁ ଶାନ୍ତି ଓ ସାମ୍ପ୍ରଦାୟିକ ସଦ୍‌ଭାବନା ସମ୍ବନ୍ଧିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାସରସିକପୁରସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ମହାନ୍ତି, ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଅଧୀକ୍ଷକ ବିଜୟ କୁମାର ମିଶ୍ର ଓ କର୍ମଚାରୀଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ଆଠଗଡ଼ ଏନ୍‌ଏସି ତରଫରୁ ସଫେଇ କର୍ମଚାରୀମାନେ ସଚେତନତା ଶୋଭାଯାତ୍ରା କରି ସହର ପରିକ୍ରମା କରିଥିଲେ। ଆଠଗଡ଼ କଂଗ୍ରେସ ତରଫରୁ କାର୍ଯ୍ୟାଳୟ ପରିସରରେ ଗାନ୍ଧିଜୀଙ୍କ ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପିସିସି ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥ ଏହାକୁ ଉନ୍ମୋଚନ କରିଥିଲେ। ବିଜେଡି ପକ୍ଷରୁ ସଫେଇ, ଶ୍ରମଦାନ, ରକ୍ତଦାନ ଆଦି ସେବା କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ସମସରପୁର ପଞ୍ଚାୟତରେ ସେବା ଓ ଶ୍ରମଦାନ କାର୍ଯ୍ୟକ୍ରମକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ନିକଟସ୍ଥ ଯୋରନ୍ଦାଗ୍ରାମରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଏଥିରେ ଯୁବ ନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ।

## 'ଗାନ୍ଧିଜୀଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହୁଅନ୍ତୁ'

**କଟକ ଅଫିସ, ୨୧୦**

କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶନିବାର ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର, ଅଧ୍ୟକ୍ଷ ଦିଲୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ନବଜ୍ୟୋତି ସାମନ୍ତରାୟ ଗାନ୍ଧୀଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପକ ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। **ହାଇକୋର୍ଟ:** ହାଇକୋର୍ଟ ପରିସରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। ହାଇକୋର୍ଟ ପରିସରସ୍ଥ ନୂତନ କୋଠାର ତଳ ମହଲାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ବି.ଆର୍. ଷଡଙ୍ଗୀ, ଏସ୍. ପୂଜାହାରୀ, ଏସ୍.କେ. ସାହୁ, କେ.ଆର୍. ମହାପାତ୍ର, ଏସ୍. କେ. ପାଣିଗ୍ରାହୀ, ସାବିତ୍ରୀ ରଥ, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାରହି, ହାଇକୋର୍ଟ ବାର୍ ଆସୋସିଏଶନର ଉପସଭାପତି ଦେବୀପ୍ରସାଦ ଦାଶ, ସମ୍ପାଦକ ଡ. ଜିତେନ୍ଦ୍ର କୁମାର ଲେଙ୍କା, ସହଯୋଗୀ ସମ୍ପାଦକ ତାପସ କୁମାର ଆଚାର୍ଯ୍ୟ ଓ ଆଇନଜୀବୀ ଜ୍ୟୋତି ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। **ଖବରକାଗଜ ବିକ୍ରେତା ସଂଘ:** ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ କଟକର ରାଷ୍ଟ୍ରଭାଷାଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ବଂଶୀଧର ବେହେରା ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଶୋଭାଯାତ୍ରାରେ ସଚେତନତା

**କଟକ ଅଫିସ, ୨୧୦**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଶନିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ସ୍ୱଚ୍ଛସାଥୀଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରାଯାଇଥିଲା। ସେହିପରି ହାତିପୋଖରୀ, ରଘୁନାଥଜୀଉ ଏବଂ ସିଡିଏ ସେକ୍ଟର-୭ରେ ୩ଟି ନୂତନ ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ଏଥିସହ ସହିଦଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫୦ ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯିବା ସହ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ସଞ୍ଜୀବିତା ରାୟ ପ୍ରମୁଖ ଉପସ୍ଥିତଥିଲେ ।

## ଚାରା ରୋପଣ, ସଫେଇ କାର୍ଯ୍ୟକ୍ରମ

**ଟିଗିରିଆ,୨୧୦(ଡି.ଏନ୍. ଏ )**

ଟିଗିରିଆ ବ୍ଲକର ୨ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜେଡି ପକ୍ଷରୁ ଚାରା ରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୁଣାଟିଗିରିଆସ୍ଥିତ ମହେଶ୍ୱର ବିଦ୍ୟାପୀଠ ଓ ନୂଆପାଟଣାର ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସେ ବିଦ୍ୟାଳୟ ପରିସର ସଫେଇ କରିବା ସହ ଚାରା ରୋପଣ କରିଥିଲେ।

# 'ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱରେ ଅନନ୍ୟ'

■ ୨ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ

**କଟକ ଅଫିସ, ୨୧୦**

ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଅନନ୍ୟ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସତ୍ୟ, ଅହିଂସା ମାର୍ଗକୁ ପାଥେୟକରି ଯେଉଁ ସ୍ୱାଧୀନତା ସଂଗ୍ରାମ ସଂଗଠିତ ହୋଇଥିଲା ତାହା ସମଗ୍ର ବିଶ୍ୱର ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। କେବଳ ସତ୍ୟ, ଅହିଂସା, ଧୈର୍ଯ୍ୟ ଓ ସତ୍‌ମାର୍ଗ ଅବଲମ୍ବନ କରି ଗାନ୍ଧିଜୀ ଭାରତର ସ୍ୱାଧୀନତା ହାସଲ କରିଥିଲେ ବୋଲି କଟକ ସ୍ୱରାଜ ଆଶ୍ରମଠାରେ ଶନିବାର ରାଜ୍ୟସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବରେ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁବାସ ସିଂ ଯୋଗଦେଇ ତଳସ୍ତରର ଲୋକମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ସହିତ ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ବିଧାୟକ ଇଂ. ମହମ୍ମଦ ମୋକିମ, ବିଧାୟକ ସୌଭିକ୍ ବିଶ୍ୱାଳ, ମୁଖ୍ୟବକ୍ତା ଡ. ପାବକ କାନୁନ୍‌ଗୋ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଳିକ ଓ ଦ୍ୱିଜବର ସାଥୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକନାଥ ଦୀକ୍ଷିତ ଭଗବଦ୍‌ଗୀତା, ପ୍ରଭାତ ଚନ୍ଦ୍ର ବାଗ ବାଇବେଲ୍ ଓ ସେକ୍ ହାକିମ୍ କୋରାନ ପାଠ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ଗାନ୍ଧୀଙ୍କ ପ୍ରିୟ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପାନୀୟ ଜଳ, ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ଭାବେ ଯୋଗାଯିବ

**କଟକ ଅଫିସ, ୨୧୦**



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଜିଲାପାଳ, ବିଧାୟକଙ୍କ ସହ ଅନ୍ୟମାନେ।

## ଜିଲା ପ୍ରଶାସନ ପକ୍ଷରୁ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

■ ଆବଶ୍ୟକ ସେବା ଉପଲବ୍ଧ ପାଇଁ ଗଠନ ହେବ ସେଲ୍

କଟକ ଶହୀଦ ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ମହାନଗର ପୂଜା କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ସହରର ରାସ୍ତାଘାଟ ମରାମତି, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଦିଆଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସେଲ୍ ଗଠନ କରାଯିବ। ଏହି ସେଲ୍‌ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଜିଲାପାଳ ରହିବେ। ସେହିପରି ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ସମ୍ପୃକ୍ତ ଅଧିକାରୀମାନେ ଆଲୋଚନା କରି ଉକ୍ତ ଅଞ୍ଚଳ ସମସ୍ୟା ସମାଧାନ କରିବେ। ଦୁର୍ଗାପୂଜାରେ ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଅଧିକାରୀମାନଙ୍କୁ ନେଇ ଅନ୍ୟ ଏକ ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ ବୋଲି ଜିଲାପାଳ କହିଥିଲେ। ଆସନ୍ତା ୧୧ ତାରିଖରୁ ନାଇଟ୍ କର୍ଫ୍ୟୁ ଲାଗୁ ହେଉଥିବାରୁ ପୂଜା ସହିତ ସମ୍ପୃକ୍ତ ପୂଜା କମିଟି ସଦସ୍ୟମାନଙ୍କୁ ଆବଶ୍ୟକସ୍ଥଳେ ପୋଲିସ ଉପଆୟୁକ୍ତ ଯାତାୟାତ ନିମନ୍ତେ ଅନୁମତିପତ୍ର ପ୍ରଦାନ କରିବାକୁ ବିଚାର କରିବେ ବୋଲି ଜିଲାପାଳ କହିଥିଲେ। କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଦୁର୍ଗାପୂଜା ପାଳନ କରିବାକୁ ମତ ଦେଇଥିଲେ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ଯୋଗଦେଇ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ, ନାଳନର୍ଦ୍ଦମା ମରାମତି, ପରିମଳ ସମସ୍ୟାକୁ ସେକ୍ଟର ଅଫିସରମାନଙ୍କ ତତ୍ତ୍ୱାବଧାନରେ ସମାଧାନ କରାଯିବ ବୋଲି କହିଥିଲେ। ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ, ବିଧାୟକ ଇଂ. ମହମ୍ମଦ ମୋକିମ ଉପସ୍ଥିତ ଥିଲେ। କଟକ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର କୁମାର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସହରର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାମାନେ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରଣୀତ କୋଭିଡ୍ ନିୟମକୁ ପାଳନ କରି ପୂଜା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଧନ୍ୟବାଦ ଦେଇଥିଲେ।